୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୯୦ ● ୭ ଅଗଷ୍ଟ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-190 ● 7th August 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




## ଆଇସିସି ଟେଷ୍ଟ ର୍ୟାଙ୍କିଂ ଓଭାଲ ମ୍ୟାଜିକ୍ ପରେ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ମହମ୍ମଦ ସିରାଜ୍

### ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର, ଭାରି ଶିଳ୍ପ, ଜଳଶକ୍ତି ଓ ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାର ବିକାଶମୂଳକ କାର୍ଯ୍ୟକ୍ରମ ନେଇ କଲେ ଆଲୋଚନା

ଭୁବନେଶ୍ୱର, ୬।୮

ନ୍ୟୁଜ୍‌ବ୍ୟୁରୋ

ସମ୍ପ୍ରତି ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଭାରି ଶିଳ୍ପ, ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଏବଂ ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ପୃଥକ ପୃଥକ ଭାବେ ସାକ୍ଷାତ କରି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ନକ୍ସଲ ନିୟନ୍ତ୍ରଣ ଓ ମାଓପ୍ରବଣ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ସହିତ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ





ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି ଯେ, ବୁଧବାର ନୂଆଦିଲ୍ଲୀରେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ଏହି ଅବସରରେ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ସହ ଆଲୋଚନା ବେଳେ ଓଡ଼ିଶାର ମହାନଦୀ ଜଳ ବିବାଦ ଉପରେ ଆଲୋଚନା କରିଛନ୍ତି । ନିକଟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ । ଉଭୟ ରାଜ୍ୟକୁ ସୁହାଇଲା ଭଳି ଏକ ସମାଧାନର ରାସ୍ତା ବାହାର କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଶ୍ରୀ ପାଟିଲଙ୍କୁ 'ଭିଜନ ଓଡ଼ିଶା ୨୦୩୬-୨୦୪୭' ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆଦିଲ୍ଲୀରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟି ରାଜ୍ୟର ବଳକା ଧାନକୁ ଦୃଷ୍ଟିରେ ରଖି ଆଗାମୀ ଋତୁ ପାଇଁ ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି ।

ସମୟସୀମା ମଧ୍ୟରେ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ ଏଫସିଆଇ ଦ୍ୱାରା ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କ ସକ୍ରିୟ ପଦକ୍ଷେପ, ଯେଉଁଥିରେ ବଜାର ପ୍ରୋତ୍ସାହନ ଏବଂ ସଂରକ୍ଷଣ ଭିତ୍ତିଭୂମିର ପ୍ରସାର ଅନ୍ତର୍ଭୁକ୍ତ ଉପରେ ମଧ୍ୟ ଆଲୋକପାତ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ (ପୃଷ୍ଠା ୭ରେ)

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ



ଭୁବନେଶ୍ୱର, ୬।୮

ନ୍ୟୁଜ୍‌ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ବୁଧବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଶ୍ରୀ ସିଂ ଦେଓ ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ମଧ୍ୟ ପ୍ରଦାନ କରିଥିଲେ । ଏହାପରେ ଶ୍ରୀ ସିଂ ଦେଓ ସେ ନିଜ ପତ୍ନୀ ତଥା ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓଙ୍କ ସହ ମିଶି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ମଧ୍ୟ ସାକ୍ଷାତ କରିଥିଲେ ।

## ଏଣିକି ଓଡ଼ିଆରେ ଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ :ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ସାର୍ବଜନୀନ ସ୍ଥାନରେ ଓଡ଼ିଆ ଭାଷାର ପ୍ରାଧାନ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ନଗରାଞ୍ଚଳରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କୁ ଓଡ଼ିଆ ଲିପିରେ ସାଇନ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରି ମହାନଗର ନିଗମ, ପୌରପାଳିକା ଓ ଅଧିସୂଚିତ ଅଞ୍ଚଳ ପରିଷଦ (ଏନଏସି) ଅଧୀନରେ ଥିବା ସମସ୍ତ ପ୍ରତିଷ୍ଠାନଙ୍କୁ ୫୫ ଦିନ ମଧ୍ୟରେ ଏହି ନିୟମ ପାଳନ କରିବାକୁ କହିଛନ୍ତି । ନିର୍ଦ୍ଦେଶ ଅନୁଯାୟୀ, ସାଇନବୋର୍ଡର ମୋଟ ଅଞ୍ଚଳର ଅତି କମରେ ୬୦ ପ୍ରତିଶତ ଓଡ଼ିଆ ଲିପିରେ ହେବା ଆବଶ୍ୟକ । (ପୃଷ୍ଠା ୭ରେ)

## ଜଳିଗଲେ ଯୁବତୀ : ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୬।୮

ନ୍ୟୁଜ୍‌ବ୍ୟୁରୋ

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବି.ଏଡ୍ ଛାତ୍ରୀ ଓ ପୁରୀଜିଲ୍ଲା ବଳଙ୍ଗା ନାବାଳିକା ଘଟଣାକୁ ରାଜ୍ୟବାସୀ ଭୁଲିପାରି ନଥିବା ବେଳେ ରାଜ୍ୟରେ ପୁଣି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର ବଡ଼ପଦା ଅଞ୍ଚଳରେ ଜଣେ ଯୁବତୀ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଜୀବନ ହାରି ଦେଇଛନ୍ତି । ଗୁରୁତର ଭାବେ ପୋଡ଼ିଯିବା କାରଣରୁ ତାଙ୍କର ମୃତ୍ୟୁ ଘଟିଛି । ତେବେ ଯୁବତୀ ଜଣକ କେଉଁ କାରଣରୁ ଏଭଳି ଏକ ଚରମ ପଦକ୍ଷେପ ନେଇଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ବୟାନ ଆଧାରରେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି ।

ମିଳିଥିବା ସୂଚନା ଅନୁସାରେ ଯବତୀ ଜଣକ ଯୁକ୍ତ ୩



ଶେଷ ବର୍ଷର ଛାତ୍ରୀ ଥିଲେ । ଅନ୍ୟପଟରେ ଏହା ହତ୍ୟା ନା ଆତ୍ମହତ୍ୟା, ତାହା ମଧ୍ୟ ସ୍ପଷ୍ଟ ହୋଇପାରି ନାହିଁ । କିନ୍ତୁ ମୃତକାଙ୍କ ବାପା ସାଂଘାତିକ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି, ଝିଅର ପୁରୁଷ ବନ୍ଧୁ ବ୍ଲାକମେଲିଂ କରୁଥିଲା । ଅଶ୍ଲୀଳ ଫଟୋ ଓ ଭିଡିଓ ଜରିଆରେ ବ୍ଲାକମେଲିଂ କରୁଥିଲା । ଏନେଇ ଗ୍ରାମଞ୍ଚଳ ଥାନାରେ ୬ ମାସ ପୂର୍ବରୁ ଅଭିଯୋଗ କରିଥିଲୁ । ଛାତ୍ରୀ ଜଳିଯିବା ଘଟଣା ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତୁରନ୍ତ ହସ୍ତକ୍ଷେପ କରିଛନ୍ତି । ସେ କେନ୍ଦ୍ରାପଡ଼ା ଏସପିଙ୍କୁ ତୁରନ୍ତ ଘଟଣାସ୍ଥଳକୁ (ପୃଷ୍ଠା ୭ରେ)

## ପାରିପାର୍ଶ୍ୱିକ ଘଟଣାକୁ ନେଇ ତଦନ୍ତ କରାଯିବ : ଡିଜିପି

ଭୁବନେଶ୍ୱର, ୬।୮ :ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ାରେ ଯୁବତୀ ଜିଅନ୍ତା ଜଳିଯିବା ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ । ସେ କହିଛନ୍ତି ଘଟଣାସ୍ଥଳକୁ କେନ୍ଦ୍ରାପଡ଼ା ଏସ୍‌ପି ଯାଇଛନ୍ତି । ପାରିପାର୍ଶ୍ୱିକ ଘଟଣାକୁ ନେଇ ସେ ତଦନ୍ତ କରିବେ । ଯୁବତୀଙ୍କ ବାପା ଆଣିଥିବା ଅଭିଯୋଗ ଉପରେ ବି ତଦନ୍ତ ହେବ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି (ପୃଷ୍ଠା ୭ରେ)


## ଭାରତ ଉପରେ ଆଉ ୨୫% ଟାରିଫ୍ ଲାଗୁ କଲେ ଟ୍ରମ୍ପ

ନୂଆଦିଲ୍ଲୀ, ୬।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍(ଶୁଳ୍କ) ଘୋଷଣା କରିଛନ୍ତି । କିଛି ଦିନ ପୂର୍ବରୁ ଟ୍ରମ୍ପ ରୁଷିଆରୁ ତେଲ କିଣିବା ପାଇଁ ଭାରତ ଉପରେ ଖପ୍ପା ହୋଇ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ । ଏବେ ଭାରତ ଉପରେ ମୋଟ ଆମେରିକା ଶୁଳ୍କ ୫୦



ପ୍ରତିଶତକୁ ବୃଦ୍ଧି ପାଇଛି । ୨୪ ଘଣ୍ଟା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଭାରତ (ପୃଷ୍ଠା ୭ରେ)



## ରେପୋ ରେଟ୍ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୬।୮

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି । ଏନେଇ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ମୁଦ୍ରା ନୀତି କମିଟିର ତିନି ଦିନିଆ ବୈଠକ ପରେ ସୁଧ ହାର ଉପରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥର ରେପୋ ରେଟ୍‌କୁ ସ୍ଥିର ରଖାଯାଇଛି । ବର୍ତ୍ତମାନ ପାଇଁ ଆରବିଆଇ ରେପୋ ରେଟ୍ ୫.୫୦ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଗତ ଏମପିସି ବୈଠକରେ ରେପୋ ହାର ୫୦ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା । ଆରବିଆଇ ଫେବୃଆରୀ ଏବଂ ଏପ୍ରିଲରେ ମଧ୍ୟ ରେପୋ ହାର ୨୫-୨୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା । ରେପୋ ହାର ହେଉଛି ସେହି ହାର ଯେଉଁଥିରେ ଆରବିଆଇ ବ୍ୟାଙ୍କଗୁଡ଼ିକୁ ଟଙ୍କା ଋଣ ପ୍ରଦାନ କରିଥାଏ । (ପୃଷ୍ଠା ୭ରେ)

## କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୬।୮

ବୁଧବାର 'ସେଣ୍ଟ୍ରାଲ ଭିଷ୍ଟା'ର ନୂଆ ବିଲ୍ଡିଂକୁ ଉଦଘାଟନ୍ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଯାହାର ନାମ ରହିଛି କର୍ତ୍ତବ୍ୟ ଭବନ । ଏହି ବିଲ୍ଡିଂ ଭାରତର ଅନ୍ୟତମ ପାୱାର କରିଡର ଭାବେ ଉଭା ହୋଇଛି । ଏଥିରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ ଭଳି ରହିଛି ଅନେକ ସରକାରୀ କାର୍ଯ୍ୟାଳୟ ।

ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ଏକାଠି କରାଯାଇ କର୍ତ୍ତବ୍ୟ ଭବନକୁ ସ୍ଥାନାନ୍ତରିତ କରାଯିବ । ଏଥିରେ ଗୃହ ମନ୍ତ୍ରଣାଳୟ, ବୈଦେଶିକ ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଏମଏସଏମଇ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ/ବିଭାଗ ଏବଂ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ ରହିବ । ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ପାଇଁ ମୋଟ ୧୦ଟି ଏପରି କୋଠା ନିର୍ମାଣ କରାଯିବାର ଅଛି । ଏଥିମଧ୍ୟରୁ କାର୍ତ୍ତବ୍ୟ ଭବନ-୩ ସମ୍ପୂର୍ଣ୍ଣ ହୋଇଛି, ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ସେ ସନ୍ଧ୍ୟା ୬ଟାରେ କର୍ତ୍ତବ୍ୟ ପଥଠାରେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିବେ । ପ୍ରକଳ୍ପ ସମାପ୍ତ ହେବା ପରେ, ଭଡ଼ା ବାବଦକୁ ଖର୍ଚ୍ଚ ହେଉଥିବା ୧୫୦୦ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଯାହା ଚାଲିଛି ଚାଲିଥାଉ ଜନେ
ପାଟିରେ ଦିଅ ଯେ ତାଲା
ଏତେ କଥାରେ ମୁଣ୍ଡ ନପୂରେଇ
ସାନ ଈଶ୍ୱରଙ୍କ ଚେଲା
ଉପର ମହଲରେ ଯେଉଁ ପାଲା
ସେ ପାଲାରେ କାହିଁ ଆତ୍ମାହୁତି ଦେବା
ବୁଝିବେ ଉପରବାଲା ।

## ସ୍ତନ୍ୟପାନ ଯୋଗୁଁ ମା' ହୃଦୟର ନିକଟତର ହୋଇପାରିବ ଶିଶୁ : ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, ୬।୮

ନ୍ୟୁଜ୍‌ବ୍ୟୁରୋ

ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ ମା' ହୃଦୟର ଆହୁରି ନିକଟତର ହୋଇପାରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ଅବସରରେ ମତବ୍ୟକ୍ତ କରିଛନ୍ତି । ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନଭେନସେନ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ତନ୍ୟପାନ ଦ୍ୱାରା ଉଭୟ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ମତ ପ୍ରକାଶ କରିଥିଲେ । ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଡିମ୍ବାଶୟ କର୍କଟ ଭଳି ଭୟଙ୍କର ରୋଗକୁ ବହୁ ମାତ୍ରାରେ ଏଡ଼ାଇ ଯାଇପାରିବ । ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ (ପୃଷ୍ଠା ୭ରେ)





# ମଝି ରାସ୍ତାରେ ବସ୍ ଅଟକାଇଲା ଦନ୍ତା : ଗାଁରେ ପଶି ଗାଈକୁ ମାରିଲା

**ଜି ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**



ମଝି ରାସ୍ତାରେ ବସ୍‌କୁ ଅଟକାଇଲା ଦନ୍ତା। ଯାହାଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। କିଛି ସମୟ ପରେ ଦନ୍ତାଟି ରାସ୍ତା କାଟି ପଳାଇଥିଲା। ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜି. ଉଦୟଗିରି ଅଞ୍ଚଳରେ। କେବଳ ଏତିକି ନୁହେଁ, ରାଇପଦା ଗାଁରେ ପଶି ଜଣେ ବ୍ୟକ୍ତିଙ୍କ ଗାଈକୁ ମାରିଦେଇଛି।

ଜି ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ତିନୋଟି ସେକ୍ସନ୍ ଯଥା କଳିଙ୍ଗା, ଉଦୟଗିରି, ପବୁରିଆରେ ଦୁଇଟି ଦନ୍ତା ଉପସ୍ଥିତି ଜାହିର କରିଆସୁଥିଲେ। ହେଲେ ୨/୩ ଦିନ ପୂର୍ବରୁ କଳିଙ୍ଗା ସେକ୍ସନର କୁର୍ମୀଙ୍ଗିଆ, ରେତୁଡ଼ି ଆଦି ଅଞ୍ଚଳକୁ ଉତ୍ତର ଘୁମୁସରର ଏକ ଦନ୍ତା ଭୋର ସମୟରେ ଫେରିଛି। ଏହି ହାତୀଟି ରକ୍ତମୁଖା ହୋଇପଡ଼ିଛି। ପୂର୍ବରୁ ଏହି ହାତୀ ଦୁଇ ଜଣ ମଣିଷ ଏବଂ ଗୋଟିଏ ଗାଈକୁ ମାରିଥିଲା। ଜି ଉଦୟଗିରି ସେକ୍ସନର ମଗରଗୁଡା, ବାକିକାମ୍ବା, ଗ୍ରେସିଙ୍ଗିଆ, ଡ଼କ୍ରିଙ୍ଗିଆ ଆଦି ଅଞ୍ଚଳ ଦେଇ ହାତୀଟି ପୁକୁଲିଙ୍ଗିଆ ଜଙ୍ଗଲକୁ ଯାଇଥିଲା। ଦନ୍ତାଟି ରାସ୍ତା ଅତିକ୍ରମ କରିବା ସମୟରେ ରାଇକିଆରୁ ବ୍ରହ୍ମପୁର ଯାଉଥିବା ଏକ ବସ୍‌କୁ ପଣସବାଙ୍କ ନିକଟରେ ଅଟକାଇଥିଲା। କିଛି ସମୟ ପର୍ଯ୍ୟନ୍ତ ହାତୀ ବସ ଆଗରେ ଛିଡ଼ା ହୋଇ ରହିଥିଲା। ବସକୁ ଆଦୌ ବାଟ ଛାଡ଼ି ନ ଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ହେଲେ ପରେ ହାତୀଟି ଜଙ୍ଗଲ ଭିତରକୁ ଚାଲିଯିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ। ମାତ୍ର ସନ୍ଧ୍ୟାରେ ହାତୀଟି ରାଇପଦା ଅଞ୍ଚଳକୁ ଯାଇ ସେଠାରେ ଉପଦ୍ରବ କରିଥିବା ସୂଚନା ମିଳିଛି। ଗାଁର ଜଣେ ବ୍ୟକ୍ତିଙ୍କ ଗାଈକୁ ହାତୀ ଦଳି ମାରିଦେଇଥିବା ଜଣାପଡ଼ିଛି।

## ସୌନ୍ଦର୍ଯ୍ୟ ହରାଉଛି ଡୁଲୁରୀ ପାଇନବଣ

# ପର୍ଯ୍ୟଟନକ୍ଷେତ୍ର ପାଲଟିଛି ଏବେ ଗୋରୁ ଛେଳିଙ୍କ ଚରାଭୂଇଁ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**



ପର୍ଯ୍ୟଟନ ଋତୁ ଆସିଲେ ଅନେକ କଥା କହେ ପାଇନବଣର ଦୃଶ୍ୟ। ଆଉ ପର୍ଯ୍ୟଟକ ଯଦି ଦାରିଙ୍ଗବାଡ଼ି ଆସିନ୍ତି ନିଶ୍ଚିତ ଉକ୍ତ ପାଇନବଣ ବୁଲିଥାନ୍ତି। ବଣଭୋଜି କରି ମଜା ନେଇଥାନ୍ତି। ପର୍ଯ୍ୟଟକଙ୍କ ପାଇଁ ରହିଛି ବଣଭୋଜି କରି ମଜା ନେବା ପାଇଁ ସମସ୍ତ ବ୍ୟବସ୍ଥା। ହେଲେ ଏବେ ଆଉ ପାର୍କ ପର୍ଯ୍ୟଟକଙ୍କ ପାଇଁ ଏହା ନିରାପଦ ସ୍ଥାନ ହୋଇକି ନାହିଁ ଏବଂ ଏହା ନିଜ ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି। ଏବେ ପର୍ଯ୍ୟଟକଙ୍କ ସ୍ଥାନରେ ଗୋରୁଙ୍କ ଚରାଭୂମି ପାଲଟିଛି ପାଇନବଣ। ଆଉ ଗୋରୁ ଚରାଳିଙ୍କ ପାଇଁ ଶିଶୁଙ୍କ ଉଦ୍ୟାନ ପାଲଟିଛି ବିଶ୍ରାମ କକ୍ଷ। ଅଞ୍ଚଳର ଏକାଧିକ ଗୋରୁ ଚରାଳି ତାଙ୍କ ଗୋରୁ ନେଇ ସିଧା ଡୁଲୁରୀ ପାଇନବଣ ଓ ତା' ପରିସର ଭିତରେ ଥିବା ଶିଶୁ ଉଦ୍ୟାନରେ ଚରିବାକୁ ଛାଡ଼ି ଦିଅନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଘାସ ଗାଲିଚାକୁ ଗାଈ, ଛେଳି ବୁଲିବୁଲି ପେଟ ପୂରିବା ପର୍ଯ୍ୟନ୍ତ ଖାଇଥାନ୍ତି। ଗାଈଆଳମାନେ ମଧ ବହୁତ ଖୁସି। କାରଣ ତାଙ୍କୁ ଆଉ କେହି ଆକଟ କରିବାକୁ ନାହାନ୍ତି। ସେହିପରି ପାଇନ ଜଙ୍ଗଲକୁ ଦୈନିକ ଆସାମିଜିକ ବ୍ୟକ୍ତିମାନେ ଆସି ପାର୍କର ଶିଶୁ ଉଦ୍ୟାନର ଦୋଳି, ବ୍ୟଞ୍ଚ, ଖେଳନାକୁ ନଷ୍ଟ କରୁଥିବା ନଜିର ରହିଛି। ଦୈନିକ ଉକ୍ତ ପାଇନ ବଣକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକମାନେ ଉକ୍ତ ପାର୍କରେ କେହି ସୁରକ୍ଷାକର୍ମୀ ନ ଥିବାରୁ ନିଜକୁ ଅସୁରକ୍ଷିତ ମନେ କରନ୍ତି। ଏବେ ପର୍ଯ୍ୟଟନ ଋତୁ ନ ଥିଲେ ମଧ ଡୁଲୁରୀ ପାଇନ ବଣରେ ରାଜ୍ୟ ଏବଂ ରାଜ୍ୟ ବାହାରର ପର୍ଯ୍ୟଟକ ବୁଲୁଥିବା ଦେଖିବାକୁ ମିଳୁଛି। କେବଳ ପର୍ଯ୍ୟଟନ ଋତୁ ଅକ୍ଟୋବର ମାସଠାରୁ ଫେବୃୟାରୀ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ନିୟୋଜିତ କରାଯାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମୁଖ୍ୟ ଫାଟକରେ ଜଗି ରହିବା ସହ ପର୍ଯ୍ୟଟକଙ୍କଠାରୁ ଟିକେଟ୍ ସଂଗ୍ରହ କରିଥାନ୍ତି କିନ୍ତୁ ଏବେ ଫେବୃଆରୀ ପରଠାରୁ କେହି ଜଗୁନାହାନ୍ତି। ଫଳରେ ପାର୍କର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୈନିକ ଶହ ଶହ ଟଙ୍କାର ରାଜସ୍ୱ ହରାଉଛି ବ୍ଲକ ପ୍ରଶାସନ। ଏହାକୁ ବ୍ଲକ ପ୍ରଶାସନ ଅଧୀନରେ ଥିବା ଟ୍ରଷ୍ଟରେ ସାମିଲ କରାଗଲେ ଏହାର ରକ୍ଷଣାବେକ୍ଷଣ ଭଲ ଭାବରେ ହୋଇପାରିବ ବୋଲି ଅଞ୍ଚଳବାସୀ କହୁଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ମୁକୁଳା ଛାଡ଼ି ଦେଇଥିବା ନେଇ ଅସନ୍ତୋଷ ଦେଖାଯାଇଛି।

ଏନେଇ ସ୍ଥାନୀୟ ସରପଞ୍ଚ ପାଉଲ ପ୍ରଧାନ କହିଛନ୍ତି ଯେ, ଏବେ ପର୍ଯ୍ୟଟକ ବହୁତ କମ୍ ଆସୁଛନ୍ତି ଏବଂ ପାଇନ ବଣରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ଓ ଅନ୍ୟାନ୍ୟ କାର୍ଯ୍ୟ ସରିନାହିଁ। ଫଳରେ ପର୍ଯ୍ୟଟକଙ୍କ ପାଇଁ ସମସ୍ୟା ଉପୁଜୁଥିବା ସେ କହିଛନ୍ତି।

ସେ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ସହ କଥା ହୋଇଛନ୍ତି ଶୀଘ୍ର କାର୍ଯ୍ୟ ସରିଲେ ପୁଣି ମହିଳାମାନେ ସେଠାରେ ରହି ରକ୍ଷଣାବେକ୍ଷଣ ସଫେଇ ସହ ଟିକେଟ ସଂଗ୍ରହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏନେଇ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ କହିଛନ୍ତି, ସେ ଏବେ ଶୁଣିଲେ ସ୍ଥାନୀୟ ବିଡିଓଙ୍କ ସହ କଥା ହେଲେ ସେ ଏହାକୁ ଟ୍ରଷ୍ଟରେ ସାମିଲ କରାଇବା ପାଇଁ କନ୍ଧମାଳ ଜିଲାପାଳ ବେଦଭୂଷଣ ଏବଂ ବାଲିଗୁଡ଼ାର ନୂଆ ଉପଜିଲ୍ଲାପାଳ ପ୍ରଣୀତା ଦାସଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଏମକେସିଜିରେ ଖୋଲିଲା ବିଏମ୍ଏଲ୍‌ଟି ଏବଂ ବିଏମ୍ଆରଟି ପାଠ୍ୟକ୍ରମ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରଥମ ସରକାରୀ ମେଡ଼ିକାଲ୍ କଲେଜ ଭାବେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ବିଏମ୍ଏଲ୍‌ଟି ଏବଂ ବିଏମ୍ଆରଟି ପାଠ୍ୟକ୍ରମ ଖୋଲିଛି। ଚଳିତ ବର୍ଷ ପାଇଁ ଏହି ନୂତନ ପାଠ୍ୟକ୍ରମରେ ନାମଲେଖା ପାଇଁ ଡିଏମ୍ଇଟି (ମେଡ଼ିକାଲ୍ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ)ଙ୍କ ପକ୍ଷରୁ ଏମ୍‌କେସିଜି ମେଡ଼ିକାଲ୍ କଲେଜକୁ ଅନୁମତି ପ୍ରଦାନ କରାଯାଇଛି। ଏହି ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିଥିବା ସମ୍ପର୍କରେ ଡିଏମ୍ଇଟି ପକ୍ଷରୁ ଏମ୍‌କେସିଜିର ଅଧକ୍ଷାଙ୍କୁ ଚିଠି ମାଧମରେ ଅବଗତ କରାଯିବା ସହ ୨୦୨୫-୨୬ ବର୍ଷ ପାଇଁ ଏନ୍‌ଓସି ମିଳିଥିବା କୁହାଯାଇଛି। ୩ ବର୍ଷିୟା ଏହି ୨ ପାଠ୍ୟକ୍ରମ ପାଇଁ ୨୦ ଲେଖାଏଁ ସିଟ୍ ରହିଛି। ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀ ଉଭୟ ବିଏମ୍ଏଲ୍‌ଟି ଓ ବିଏମ୍ଆରଟି ପାଠ୍ୟକ୍ରମରେ ନାମଲେଖାଇ ପାରିବେ ବୋଲି ଜଣାପଡ଼ିଛି। ତେବେ ଦ୍ୱିତୀୟ ବର୍ଷରେ ଲାଟେରାଲ୍ ଏନ୍‌ଟ୍ରି ଭଳି କୌଣସି ସୁବିଧା ପ୍ରଦାନ କରାଯାଇନାହିଁ। ପୂର୍ବରୁ ରାଜ୍ୟରେ ବିଭିନ୍ନ ଘରୋଇ ମେଡ଼ିକାଲ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଏମ୍ଏଲ୍‌ଟି ଓ ବିଏମ୍ଆରଟି ପାଠ୍ୟକ୍ରମ ପ୍ରଦାନ କରାଯାଉଥିଲେ ମଧ କୌଣସି ସରକାରୀ ମେଡ଼ିକାଲ ଶିକ୍ଷାନୁଷ୍ଠାନରେ ଏହି ପାଠ୍ୟକ୍ରମ ଖୋଲି ନଥିଲା। ଏମ୍‌କେସିଜି ମେଡ଼ିକାଲ୍ କଲେଜ ଭଳି ରାଜ୍ୟର ଅନ୍ୟ ମେଡ଼ିକାଲ୍ କଲେଜରେ ଡିଏମ୍ଏଲ୍‌ଟି ଓ ଡିଏମ୍ଆରଟି ପାଠ୍ୟକ୍ରମ ରହିଛି। ଏମ୍‌କେସିଜିରେ ଡିଏମ୍ଏଲ୍‌ଟି ପାଠ୍ୟକ୍ରମ ପାଇଁ ୮୦ ସିଟ୍ ରହିଥିବା ବେଳେ ଡିଏମ୍ଆରଟି ୩୦ ସିଟ୍ ରହିଛି। ସେହିକ୍ରମରେ ଏଠାରେ ବିଏମ୍ଏଲ୍‌ଟି ଓ ବିଏମ୍ଆରଟି ପାଠ୍ୟକ୍ରମର ଆବଶ୍ୟକତା ରହିଥିଲା। ଏମ୍‌କେସିଜି କର୍ତ୍ତୃପକ୍ଷ ଏନେଇ ଡିଏମ୍ଇଟିଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲେ। ଏଂପରେ ଏମ୍‌କେସିଜିରେ ଏହି ୨ ନୂତନ ପାଠ୍ୟକ୍ରମ ଖୋଲିବାକୁ ପଦକ୍ଷେପ ନିଆଯାଇଥିଲା। ତେବେ ଏହି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ କେତେ ଟଙ୍କା ଫି' ସଂଗ୍ରହ କରାଯିବ ଏବଂ ନାମଲେଖା ପ୍ରକ୍ରିୟା କିଭଳି ହେବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରିନାହିଁ।

# କାର୍ ସହ ୩୦ କେଜି ଗଞ୍ଜେଇ ଜବତ : ୨ ଗିରଫ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଅବକାରୀ ବିଭାଗ ଏକ କାର୍ ସହ ଗଞ୍ଜେଇ ଜବତ କରି ୨ ଜଣକୁ ଗିରଫ କରିଛି। ତୁଷୁରା ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀ ତୁଷୁରା ଉଡ଼ାଜାହାଡହାଜ ପଡ଼ିଆ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ୩୦ କେଜି ଗଞ୍ଜେଇ ବାହାରିଥିଲା। ପରେ ଗାଡ଼ିକୁ ଜବତ କରିବା ସହ ଘଟଣାରେ ସଂପୃକ୍ତ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରପଦର ଗାଁର ହୁତାସନ ରଣା ଓ ଉତରପ୍ରଦେଶର କୁଶିଙ୍ଗର ଜିଲ୍ଲା ବିସାନପୁର ଥାନା ଜଙ୍ଗଲଲୁଟା ଗାଁର ନୁର ଆଲାମ ଅନସାରୀକୁ ଗିରଫ କରିଛି ଅବକାରୀ ବିଭାଗ । ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ପରିତ୍ୟକ୍ତ ଅବସ୍ଥାରେ ବିଶ୍ରାମାଗାର : ବସ୍‌କୁ ଅପେକ୍ଷା କରିବା ପାଇଁ ଗଛ ହିଁ ଭରସା

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**




ସରକାର ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଆଉ ତାକୁ ସଫଳ କରିବା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଏମିତି ଏକ ପଞ୍ଚାୟତ ରହିଛି ଯାହାକି ବ୍ଲକ ଅଞ୍ଚଳର ମୁଖ୍ୟ ଛକ ଭାବେ ଜଣାଶୁଣା କିନ୍ତୁ ଏଠି ପଞ୍ଚାୟତବାସୀଙ୍କ ଗୁହାରି କେହି ଶୁଣିବାକୁ ନାହିଁ।

ପ୍ରକାଶ ଯେ, ବାଡ଼ାବାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳର ଦୁର୍ଗମ ଗ୍ରାମରୁ ଲୋକ ଆସି ବସ୍‌କୁ ଅପେକ୍ଷା କରୁଛନ୍ତି ଯେଉଁଠି ଯାତ୍ରୀମାନେ ଅପେକ୍ଷା କରନ୍ତି। ସେହି ସ୍ଥାନରେ ବିଶ୍ରାମାଗାର ନାହିଁ ଫଳରେ ଗୋଟିଏ ଗଛମୂଳରେ ଲୋକମାନେ ରାସ୍ତାକଡ଼ରେ ଯାଇଥିବା ଡ୍ରେନ୍ ଉପରେ ପଡ଼ିଥିବା ସିମେଣ୍ଟ ଚଟାଣ ଉପରେ ବସି ବସ୍‌କୁ ଅପେକ୍ଷା କରୁଛନ୍ତି। ଉକ୍ତ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ବାଡ଼ାବାଙ୍ଗା ଆସି ସେଠାରୁ ଦାରିଙ୍ଗବାଡ଼ି, ବାଲିଗୁଡ଼ା, ସିମନବାଡ଼ି, ରାଇକିଆ, ଫୁଲବାଣୀ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ଅଞ୍ଚଳକୁ ଯାତାୟାତ କରନ୍ତି। ଯେଉଁ ଗଛମୂଳରେ ଅପେକ୍ଷା କରନ୍ତି ସେଠାରେ ବସିଲେ ଯାତ୍ରୀବାହୀ ବସ୍, ଅଟୋ ଆଦି ଆସିଲେ ଦୃଶ୍ୟମାନ ହେଉଛି। ଉକ୍ତ ଗଛଟି ତିନିଛକ ଉପରେ ରହିଥିବାରୁ ୩ ପଟେ ଗାଡ଼ିମୋଟର ଚଳାଚଳ ବେଳେ ଗାଡ଼ିକୁ ଅପେକ୍ଷା କରିଥିବା ଯାତ୍ରୀମାନେ ଜାଣିପାରନ୍ତି। ତେଣୁ ବର୍ଷା, ଖରା, ଶୀତ ଦିନରେ ବାଧ୍ୟ ହୋଇ ଖୋଲା ଆକାଶ ତଳେ ଗାଡ଼ିକୁ ଅପେକ୍ଷା କରିଥାନ୍ତି ଯାତ୍ରୀ।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତ ପକ୍ଷରୁ ଏକ ଯାତ୍ରୀ ବିଶ୍ରାମାଗାର ଗୃହ ନିର୍ମାଣ କରାଯାଇଛି କିନ୍ତୁ ଛକଠାରୁ ଟିକିଏ ଦୂର ଓ ଗୋଟିଏ କୋଣରେ ନିର୍ମାଣ କରାଯାଇଛି। ତା'ର ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି ଫଳରେ ସେଠାକୁ ଯାତ୍ରୀମାନେ ଗାଡ଼ିକୁ ଅପେକ୍ଷା କରିବାକୁ ଅମଙ୍ଗ ହେଉଥିବା ଯାତ୍ରୀ ଗାମଡ଼ିକମ୍ବା ଗ୍ରାମର ଅଞ୍ଜିତ ନାୟକ, ଅଶ୍ୱିନ ପରିଚ୍ଛା ଏବଂ ନରେନ୍ଦ୍ର ପ୍ରଧାନ ପ୍ରମୁଖ କହିଛନ୍ତି। ଏହି ଗଛମୂଳରେ ଏକ ବିଶ୍ରାମାଗାର ସହ ଗୋଷ୍ଠୀ ଶୌଚାଳୟ କରାଗଲେ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି।

# ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକକୁ ଏନକାଉଣ୍ଟର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କବିସୂର୍ଯ୍ୟ ନଗର ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକକୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ପୁଲିସ ଚିକିଟି ପିତାତଳି ରାସ୍ତାରେ ଏନକାଉଣ୍ଟର କରିଛି। ସୁନୀଲ ଚିକିଟି ଅଞ୍ଚଳରେ ରହିଥିବା ଖବର ପାଇ ପୁଲିସ ସଦଳବଳେ ସେଠାରେ ପହଞ୍ଚି ସୁନୀଲକୁ କାବୁ କରିବାକୁ ଉଦ୍ୟମ କରିବାରୁ ସୁନିଲ ପୁଲିସ ଉପରକୁ ଗୁଳି କରିଥିଲା। ତା'ର ଗୁଳି ପୁଲିସ୍ ଗାଡିରେ ବାଜିବା ପରେ ଏହାର ଜବାବରେ ସୁନୀଲ ଉପରକୁ ଗୁଳି ଚଳାଇଥିଲେ ଗୋଳନ୍ଥରା ପୁଲିସ। ଗୁଳି ସୁନିଲର ବାମ ଗୋଡରେ ବାଜି ସେ ଗୁରୁତର ଆହତ ହେବାରୁ ତାକୁ ବ୍ରହ୍ମପୁର ବଡଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୁନୀଲ କିଛି ଦିନ ହେଲା କବିସୂର୍ଯ୍ୟ ନଗର ଅଞ୍ଚଳ ଛାଡି ଚିକିଟି ଅଞ୍ଚଳରେ ତା'ର ଅପରାଧୀକ ସାମ୍ରାଜ୍ୟ ବିସ୍ତାର କରି ଆସୁଥିଲା। ସୁନୀଲ ନାଁରେ ବିଭିନ୍ନ ଥାନାରେ ୨୦ରୁ ଅଧିକ ସଂଗୀନ ଅପରାଧୀକ ମାମଲା ରହିଛି।

# ବର୍ଷାରେ ପାଚେରୀ ଭାଙ୍ଗିଲା : ସରକାରୀ ଚାଉଳ ଗୋଦାମ ପରିସରରେ ଜମୁଛି ପାଣି



**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟ ସରକାରଙ୍କ ସାଧାରଣ ବଣ୍ଟନ ବିଭାଗ ତଥା ଜିଲା ବେସାମରିକ ଯୋଗାଣ ବିଭାଗ ଅଧୀନରେ ଥିବା ପଣ୍ୟଗାର ରାଇସ ରିସିଭିଙ୍ଗ ସେଣ୍ଟର ମଣ୍ଡୁଆ ଗୋଦାମ ଏବେ ଅସୁରକ୍ଷିତ ହୋଇ ପଡିଛି। ଗତବର୍ଷ ବର୍ଷାରେ ଏହି ଗୋଦାମର ପଛ ପର୍ଶ୍ୱର ପାଚେରୀ ଭାଙ୍ଗି ପଫାଇଥିବା ବେଳେ ଚଳିତ ଲଗାଣ ବର୍ଷାରେ ଏହାର ସମୁଖ ପାଚେରୀ ଭାଙ୍ଗି ଯାଇଛି। ଏପରିକି ଗୋଦାମ ଭିତରେ ଚାଉଳ ବୋଝେଇ ଟ୍ରକ ଖାଲି କରିବା ଓ ଲୋଡ଼ କରିବା ପାଇଁ ନାହିଁନଥିବା ସମସ୍ୟା ଭିତରେ ଗତି କରୁଛନ୍ତି। ବର୍ଷାଜଳ ପରିସରରୁ ନିଷ୍କାସିତ ହୋଇ ପାରୁନଥିବା ବେଳେ ଅନେକ ସମୟରେ ପାଣି ଜମା ହୋଇ ରହି ପରିସରକୁ କାଦୁଅ କରି ଦେଉଛି। ଏ ନେଇ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଜଣାଯିବା ପରେ ମଧ ସମସ୍ୟା ଦୂର ହୋଇ ପାରୁନାହିଁ। ଏପରିକି ଚତୁର୍ପାର୍ଶ୍ୱରେ ପାଚେରୀ ନଥିବା କାରଣରୁ ଖାଲି ଯେ ଗାଇଗୋରୁ ପସୁ ଛନ୍ତି ତାହା ନୁହେଁ ବରଂ ଚୋରି ଭୟର ମଧ ଆଶଙ୍କା ରହିଛି। ବାହାରୁ ଚାଉଳ ବୋଝେଇ କରି ଆସୁଥିବା ଭରିଯାନ ଚାଳକ ମାନେ ପରିସର ଭିତରକୁ ଗାଡି ନେଇ ଯିବାକୁ ଡ଼ରୁଥିବା କହିଛନ୍ତି। ରାଜ୍ୟ ଯୋଗାଣ ବିଭାଗ ତରଫରୁ ଏହି ପରିସରର ଉନ୍ନତ୍ତିକରଣ କରିବା ସହିତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ରଖିବାକୁ ଦାବି ହୋଇଛି।

# ସରୁନି ସୁରକ୍ଷା ପ୍ରାଚୀର, ନାହିଁ ବିପଦ ସୂଚନା ଏଆଇ କ୍ୟାମେରା ଲଗାଇବାକୁ ଅନୁରୋଧ

**ରଣପୁରଗଡ଼, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ସରକାର ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ଉଦବେଗ ପ୍ରକାଶ କରିଛନ୍ତି। ବରିଷ୍ଠ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ପୂର୍ତ୍ତବିଭାଗ ରାସ୍ତା କାମ ତ୍ୱରାନ୍ୱିତ କରିବା ଚୁକ୍ତିନାମା ସମୟସୀମା ମଧରେ ଶେଷ କରିବା ପାଇଁ ଏ ଆଇ କ୍ୟାମେରା ଦ୍ୱାରା ତଦାରଖ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କିନ୍ତୁ ବର୍ଷ ବର୍ଷ ଧରି ଚୁକ୍ତିନାମାକୁ ବେଖାତିର କରାଯାଉଛି। ନିର୍ମାଣାଧିନ କାର୍ଯ୍ୟ ବିପଦ ସଙ୍କେତ ନଥିବାରୁ ଦୁର୍ଘଟଣା ପରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଦର୍ପନାରାୟଣପୁରଠାରୁ ରଣପୁର ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତୀକରଣ କ୍ଷେତ୍ରରେ ତିନି ବର୍ଷଧରି ନିର୍ମାଣ ଚାଲିଛି। ଏହାର ଲମ୍ବ ମାତ୍ର ୧୩ କିଲୋମିଟର। ବଜ୍ରକୋଟ ନିକଟ ରାସ୍ତା କଡରେ ଦୁଇଟି ପୋଖରୀ ରହିଛି ଯେଉଁଠାରେ ସୁରକ୍ଷା ବାଡ଼ ମଧ ନିର୍ମାଣାଧିନ ଅବସ୍ଥାରେ ରହିଛି। ବିପଦ ଶଙ୍କୁଳ ଥିଲେ ମଧ ସୂଚନା ସଙ୍କେତ ନାହିଁ। ଦୁର୍ଘଟଣା ପରେ ଦୁର୍ଘଟଣା ଘଟି ତିନିରୁ ଅଧିକ ମୃତ ଓ ୧୦ରୁ ଅଧିକ ଆହତ ହେଲେଣି। ଗତ ଅଗଷ୍ଟ ୩ ତାରିଖ ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରୁ ଅଳ୍ପକେ ଜୀବନ ବଞ୍ଚିଥିବା ଜଣାପଡ଼ିଛି। ପୂର୍ତ୍ତବିଭାଗ ଅଧିଖଣ୍ଡ ଯନ୍ତ୍ରୀ ରାଧେଶ୍ୟାମ କୁହନ୍ତି ଦିନେ ଦୁଇ ଦିନ ମଧରେ ସୁରକ୍ଷା ସଙ୍କେତ ରଣପୁର ଯନ୍ତ୍ରୀ ଦୟାନିଧି ରାୟଗୁରୁଙ୍କୁ କହି ମରାଯିବ। ବିଭାଗୀୟ ଉଚ୍ଚ ଅଧିକାରୀ ଦର୍ପନାରାୟଣପୁର ରଣପୁର ରାସ୍ତା ଏଆଇ କ୍ୟାମେରା ଦ୍ୱାରା ସର୍ବେକ୍ଷଣ କରିବା ପାଇଁ ସାଧାରଣରେ ଅନୁରୋଧ କରାଯାଇଛି।

# ଓଭରବ୍ରିଜ୍ କାମରେ ବିଳମ୍ବ : ଆନ୍ଦୋଳନ ପାଇଁ ଚେତାବନୀ ଦେଲେ ଜନସାଧାରଣ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମାଠାରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ନିର୍ମାଣଧୀନ ଓଭର ବ୍ରିଜ ଦୀର୍ଘ ଦିନ ହେବ କାମ ଚାଲିଛି। ଫଳରେ ଗୋଟିଏ ପାର୍ଶ୍ୱ ରାସ୍ତାରେ ଯାତାୟାତ ଯୋଗୁଁ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଗୁଡିକ ପାସ ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ଜରୁରୀ କାଳୀନ ଆମ୍ବୁଲାନ୍ସ ସେବାରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି। ଏନେଇ ସ୍ଥାନୀୟ ସମିତି ସଭ୍ୟ ତଥା ହୁମା ଭାଜପା ମଣ୍ଡଳ ସଭାପତି ଧ୍ରୁବ ଚରଣ ପଲାଇ ଲୋକମାନେ ବାରମ୍ବାର ଅଭିଯୋଗ କଲେ ମଧ କିଛି ପଦକ୍ଷେପ ନିଆଯାଉନି। ତେଣୁ ବାଧ ହୋଇ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦୀର୍ଘ ଦିନ ହେଲା ଓଭର ବ୍ରିଜ ନ ହେବା ଫଳରେ ଲୋକଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ସୂଚନା ଯୋଗ୍ୟ ଯେ ହୁମା ଠାରେ ହେଉଥିବା ଓଭର ବ୍ରିଜ ଦୀର୍ଘ ବର୍ଷ ହେଲା ନିର୍ମାଣ ହେଇପାରୁନି। ଫଳରେ ବିଶେଷ ଭାବରେ ସନ୍ଧ୍ୟା ସମୟରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ରାଜପଥର ଉଭୟ ପଟର ଯାନବାହାନ ଗୋଟିଏ ରାସ୍ତାରେ ଯାଉଥିବା ବେଳେ ଆସ୍କା, ହୁମାକୁ ସଂଯୋଗ ରାଜ୍ୟ ରାଜପଥ ମଧ ଓଭର ବ୍ରିଜ ନିକଟରେ ସରିଛି। ଫଳରେ ତିନି ପଟୁ ଆସୁଥିବା ଯାନବାହାନ ଗୋଟିଏ ରାସ୍ତାରେ ଯିବା ସମସ୍ୟା ସୃଷ୍ଟି ହେଉଛି। ଜାତୀୟ ରାଜପଥ ପ୍ରାଧିକାରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଜନସାଧାରଣ ପକ୍ଷରୁ ଦାବି ହେଉଛି।

# ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ନୂଆପୁଟ ଅଞ୍ଚଳର ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ କରିଥିବା ମାମଲାରେ ସଦର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ନୂଆପୁଟ ଗ୍ରାମର ପୁରୁଷୋତ୍ତମ ନାୟକ। ଗତ ୨୦ ତାରିଖରେ ନୂଆପୁଟ ଗ୍ରାମର ମନହର ପୂଜାରି ଓ ତାଙ୍କ ଭାଇ ଗ୍ରାମର ଏକୋଇଶିଆ ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ସେହି ଗ୍ରାମର ପୁରୁଷୋତ୍ତମ ନାୟକ ମନହରଙ୍କ ମୁଣ୍ଡକୁ ଏକ ଲାଠିରେ ଆଘାତ ଦେଇଥିଲେ। ଘଟଣାସ୍ଥଳରେ ମନହର ଟଳିଯିବା ପରେ ତାଙ୍କୁ ତୁରନ୍ତ ଜୟପୁର ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାକୁ ଭିତ୍ତିକରି ସଦରପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ 'ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ'ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମାନସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ସିଡିପିଓ ବୈଠକରେ ଯୋଗ ଦେଇଥିଲେ। ବୈଠରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅଧିକାର, ଶିଶୁ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ, ଲିଙ୍ଗ ଅନୁପାତ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା ହୋଇଥିଲା। ଶିଶୁ ମାନଙ୍କ କ୍ଷେତ୍ରରେ ଜିଲ୍ଲାର ଆଶାନୁରୂପ ସଫଳତା ନ ଥିବାରୁ ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସକ୍ରିୟଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ହେଲ୍ପ ଲାଇନରେ ଆସୁଥିବା ଅଭିଯୋଗ ଗୁଡିକ ମଧ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏ ସଂକ୍ରାନ୍ତରେ ଅଧିକାରୀ ମାନେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶିଶୁ ଶ୍ରମିକ ବ୍ୟବସ୍ଥା ନିରାକରଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଢାଉକୁ ଜୋରଦାର କରିବା, ବାଲ୍ୟ ବିଭାଗ ରଖିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ, ଲିଙ୍ଗ ଅନୁପାତ ହ୍ରାସ ଇତ୍ୟାଦି ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି।

## ଜିଲ୍ଲା ଉପଭୋକ୍ତା ବିବାଦ ବିଚାର ଆୟୋଗଙ୍କ ରାୟକୁ ନେଇ ଗ୍ରାହକଙ୍କ ଆଶ୍ୱସ୍ତି

# ଗାଡ଼ି ବ୍ୟାଟେରୀ ବଦଳାଇବା ସହ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏକ ଇଭି ସ୍କୁଟି କ୍ରୟ ପରେ ଗାଡ଼ିରେ ଦେଖାଦେଇଥିବା ସମସ୍ୟାର ସମାଧାନ ଦିଗରେ ସମ୍ପୃକ୍ତ କମ୍ପାନୀ ସୋରୁମ୍ ମାଲିକ ଗ୍ରାହକଙ୍କୁ ଅବହେଳା କରିବା ସହିତ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ନିବେଦନ ପରେ ବି ସୋରୁମ୍ ମାଲିକ ସମସ୍ୟାର ସମାଧାନ କରିବା ଦୂର କଥା ଉପଭୋକ୍ତା ବିବାଦ ବିଚାର ଆୟୋଗଙ୍କୁ ଅବମାନନା କରିଥିବା ଅଭିଯୋଗ ହୋଇଛି ।। ଏହି ଅଭିଯୋଗର ଶୁଣାଣି କରି ଆୟୋଗ ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି। ଗାଡ଼ିର ବ୍ୟାଟେରୀ ତୁରନ୍ତ ବଦଳାଇବା ସହ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୦୨ ଅଗଷ୍ଟ ୨୭ରେ ଜଣେ ବ୍ୟକ୍ତି ୭୪,୮୧୭ ଟଙ୍କା ଦେଇ ଏକ ୬୦ ଭି. ଲିଥିୟମ୍ ବ୍ୟାଟେରି ଯୁକ୍ତ ଡ଼େଜା ଭେସ୍ପା ଇ-ସ୍କୁଟି କିଣିଥିଲେ। ଗାଡ଼ି କିଣିବାର ମାତ୍ର ଏକ ବର୍ଷ ମଧରେ ଅର୍ଥାତ୍ ୱାରେଣ୍ଟି ସମୟସୀମା ଭିତରେ ସ୍କୁଟିଟି ଖରାପ ହୋଇଥିଲା। ବାରମ୍ବାର ଅଭିଯୋଗ ପରେ ତାହାକୁ ସୋରୁମ୍ ପକ୍ଷରୁ ବଦଳା ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପୁଣି ଗାଡ଼ିର ବ୍ୟାଟେରୀ କାର୍ଯ୍ୟଦକ୍ଷତା ଓ ମାଇଲେଜ ହ୍ରାସ ପାଇଥିଲା। ସମସ୍ୟା ସମାଧାନ ପାଇଁ ବାରମ୍ବାର ପ୍ରୟାସ ପରେ ସୋରୁମ୍‌ର ଜଣେ କର୍ମଚାରୀ ଗ୍ରାହକଙ୍କୁ ଧମକ ଦେଇଥିଲେ। ୨୦୨୪ ଜୁଲାଇ ୨୬ରେ ଅଭିଯୋଗକାରୀ ଗ୍ରାହକ ଦୁଇ ବର୍ଷର ବୈଧାନିକ ୱାରେଣ୍ଟି ଏବଂ ବ୍ୟାଟେରି ମାଇଲେଜ୍ ପ୍ରଦାନ କରିବାରେ ବିଫଳ ହୋଇଥିବା ଦର୍ଶାଇ ଡାକ ମାଧମରେ ଆନୁଷ୍ଠାନିକ ଭାବରେ ବ୍ୟାଟେରୀ ବଦଳାଇବାକୁ ସୋରୁମ୍ ମାଲିକଙ୍କୁ ଅନୁରୋଧ କରିଥିଲେ। ବିକ୍ରେତା ୨୦୨୪ ଜୁନ୍ ୨୭ରେ ଉକ୍ତ ନୋଟିସ୍‌କୁ ଗ୍ରହଣ କରିଥିଲେ ହେଁ କୌଣସି ଉତ୍ତର ଦେଇନଥିଲେ। ଫଳରେ ଅଭିଯୋଗକାରୀ ସୋରୁମ୍ ମାଲିକଙ୍କ ଠାରୁ ତ୍ରୁଟିପୂର୍ଣ୍ଣ ବ୍ୟାଟେରୀର ପରିବର୍ତ୍ତନ, ହଇରାଣ, ମାନସିକ ଯନ୍ତ୍ରଣା ଏବଂ ସେବା ଅଭାବ ପାଇଁ ୩୦ ହଜାର ଟଙ୍କା କ୍ଷତିପୂରଣ, ୧୦ ହଜାର ଟଙ୍କା ଆଇନ୍‌ଗତ ଖର୍ଚ୍ଚ ଦାବି କରି ଜିଲ୍ଲା ଖାଉଟି ବିବାଦ ବିଚାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଆୟୋଗରେ ବାରମ୍ବାର ନୋଟିସ୍ ପରେ ବି ବିକ୍ରେତାଙ୍କ କ୍ରମାଗତ ଅନୁପସ୍ଥିତି ଯୋଗୁଁ ୨୦୨୫ ଜାନୁଆରୀ ୧୧ରେ ମାମଲାକୁ ଏକପାଖିଆ ଘୋଷଣା କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ୨୦୨୫ ମସିହା ଫେବୃଆରୀ ୧୭ ଓ ୧୮ ତାରିଖରେ ଦିଆଯାଇ ଥିବା ନିର୍ବିବାଦ ସାକ୍ଷ୍ୟକୁ ଆଧାର କରି କମିଶନ ବିକ୍ରେତାଙ୍କ ବିରୁଦ୍ଧରେ ତଥା ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ଉପସ୍ଥାପିତ ତଥ୍ୟ ଏବଂ ବିଚାର ବିମର୍ଶ ପରେ କମିଶନ ସୋରୁମ୍ ମାଲିକଙ୍କୁ ଏଥିପାଇଁ ସ୍ପଷ୍ଟ ଭାବେ ଦାୟୀ କହିଛନ୍ତି। ଗ୍ରାହକ ଅଧିକାରକୁ ବଜାୟ ରଖିବା ଏବଂ ବଜାର ନିରପେକ୍ଷତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାୟ ଦେଇ ଜିଲ୍ଲା ଖାଉଟି ବିବାଦ ବିଚାର ଆୟୋଗ ସୋରୁମ୍ ମାଲିକ ନିଜ ଖର୍ଚ୍ଚରେ ଖରାପ ଡ଼େଜା ଭେସ୍ପା ଇ-ସ୍କୁଟିର ୬୦ ଭି ଲିଥିୟମ୍ ବ୍ୟାଟେରୀର ମରାମତି ଅଥବା ବଦଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ବଦଳ ବ୍ୟାଟେରୀ ପାଇଁ ସର୍ବନିମ୍ନ ଏକ ବର୍ଷର ୱାରେଣ୍ଟି ବହନ କରିବେ। ସେହିଭଳି ଗ୍ରାହକଙ୍କ ଅସୁବିଧା, ମାନସିକ ଯନ୍ତ୍ରଣା ଏବଂ ସେବାରେ ଅଭାବ ପାଇଁ କ୍ଷତିପୂରଣ ଭାବେ ୧୦ ହଜାର ଟଙ୍କା ଏବଂ ମକଦ୍ଦମା ବାବଦ ଖର୍ଚ୍ଚ ପାଇଁ ଅଧିକ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବରେ ହେଲେ ମଧ ଗ୍ରାହକଙ୍କୁ ଆୟୋଗଙ୍କ ଜରିଆରେ ନ୍ୟାୟ ମିଳିଥିବାରୁ ସେ ଆଶ୍ୱସ୍ତି ଲାଭ କରିଛନ୍ତି।





# ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା:ବୋର୍ଡ ସଭାପତିଙ୍କୁ ଜେରା ପରେ ଜେରା କରୁଛି କ୍ରାଇମବ୍ରାଞ୍ଚ




**କଟକ, ନ୍ୟୁଜ୍ ବ୍ୟୁରୋ**

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆହୁରି ଅଧିକ ଲୋକ ସମ୍ପୃକ୍ତ ଥିବା ଜଣାଯାଇଛି। ଏହି ମାମଲାରେ ଗିରଫଦାରୀ ସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଏଣେ ଏନେଇ ବୋର୍ଡ ସଭାପତିଙ୍କୁ ଚାରି ଥର ଜେରା କଲାଣି କ୍ରାଇମ୍‌ବ୍ରାଞ୍ଚ। ଗିରଫ ଓ ସନ୍ଦେହରେ ଥିବା ଅଭିଯୁକ୍ତଙ୍କ ଆର୍ଥିକ କାରବାରର ଛାନ୍‌ଭିନ୍ ଚାଲିଛି । ସୂଚନାଯୋଗ୍ୟ, ୨୦୨୨ରେ ଓଟିଇଟି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଉଠିଥିଲା। ଏନେଇ କିନ୍ତୁ ବୋର୍ଡ ପକ୍ଷରୁ କୌଣସି ଅଭିଯୋଗ କରାଯାଇନଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଯାଞ୍ଚ ପରେ ଜଣାପଡିଛି। ମାତ୍ର ସେତେବେଳେ ଅଭିଯୋଗ ହୋଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଆର୍ଥିକ କାରବାର ଦିଗକୁ ନେଇ ଯାଞ୍ଚ ଚାଲିଥିବାରୁ ପୂର୍ବରୁ ହୋଇଥିବା ଅନିୟମିତତା ତଦାନ୍ତ ପରିସରକୁ କ୍ରାଇମ୍‌ବ୍ରାଞ୍ଚ ଆଣିଛି। ସେହିପରି ଏଥର ଅନିୟମିତତାରେ ମୁଖ୍ୟ ଅଭିଯୁକ୍ତମାନଙ୍କ ଆର୍ଥିକ ଯାଞ୍ଚ କରାଯାଉଛି। ସେ ସମ୍ପର୍କିତ ଅନେକ ଦସ୍ତାବିଜ୍ କ୍ରାଇମ୍ ବ୍ରାଞ୍ଚ ହାତରେ ଲାଗିଛି। ସେହିପରି ଅଧିକ ତଥ୍ୟ ଲାଗି ଦରକାର ପଡ଼ିଲେ ବୋର୍ଡ ସଭାପତିଙ୍କୁ ପୁନର୍ବାର ତଦନ୍ତ ପାଇଁ ଡକାଯିବ। ଏନେଇ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆକ୍ସନ ମୋଡ଼ରେ ରମ୍ଭା ପୋଲିସ:ମନୁ ପ୍ରଧାନ ହତ୍ୟାକାଣ୍ଡରେ ୨ ଗିରଫ, ବ୍ୟବହୃତ ଅସ୍ତ୍ର ଜବତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଶନିବାର ଦିନ ସ୍ଥାନୀୟ ପୋଲିସ ଚକମା ଦେଇ ମନୁ ପ୍ରଧାନଙ୍କୁ ରାତି ୮ ବେଳେ ସାବୁଳିଆ ଉତ୍ତର କେବିନ ରେଲୱେ ଗେଟ୍ ପାର୍ଶ୍ୱରେ ଘଟିଥିବା ମର୍ଡର ଘଟଣାରେ ମୃତ ବ୍ୟକ୍ତି ବି ମନୁ ପ୍ରଧାନଙ୍କୁ ତାଙ୍କ ଗାଁର ବି କେଶବ ପ୍ରଧାନ ଓ ଜୟ ପ୍ରଧାନ ଏବଂ ଅନ୍ୟ ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡା ଓ ଲୁହା ରଡ଼ରେ ମନୁ ପ୍ରଧାନଙ୍କୁ ନିମିଷକ ମଧ୍ୟରେ ବାଡେଇ, ହତ୍ୟା କରିଥିବା ଖବର ମିଳିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତ ମନୁ ପ୍ରଧାନ ବାହାଡାପଲି ଗାଁର ସଭାପତି



ଥିବାବେଳେ ମୁଦାଲା ଜୟ ପ୍ରଧାନଙ୍କୁ ବାସନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ମୁଦାଲା କେଶବର ତାର ଦାଦା ମନୁ ପ୍ରଧାନ ସହିତ ତାଙ୍କର ଜାଗାବାଡି ସମସ୍ୟା ଲାଗିଥିଲା । ତେଣୁ ସେମାନେ ପୂର୍ବ ପ୍ରସ୍ତୁତି ଓ ଯୋଜନା ମୁତାବକ ଭାବେ ପୂର୍ବତଟ ରେଳପଥର ଉତ୍ତର କେବିନ ରମ୍ଭା ରେଲୱେ ଗେଟ୍ ପାଖରେ ଜଗିରହି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଥିଲା। ରମ୍ଭା ପୋଲିସ ଉପସ୍ଥିତିରେ ଜୟ ପ୍ରଧାନ ଘଟଣାସ୍ଥଳକୁ ଯାଇ ସମ୍ପୂର୍ଣ୍ଣ ଘଟଣାର ପ୍ରସ୍ତୁତି ଓ ମନୁ ପ୍ରଧାନଙ୍କୁ ହତ୍ୟା କରିବା ପରେ ଲୁଚାଇ ରଖିଥିବା ଅସ୍ତ୍ର ଗୁଡିକୁ ବୁଦାମୂଳରୁ କାଢି ପୋଲିସକୁ ଦେଇଛି। ପୋଲିସ ସେ ଅସ୍ତ୍ର ଗୁଡିକୁ ଜବତ କରିବା ସହ କେଶବ ପ୍ରଧାନ ଓ ଜୟ ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ଏ ଘଟଣାର ଅଧିକ ତଦନ୍ତ ଜାରି ରହିବା ସହ ରମ୍ଭା ଥାନା କେଶ୍ ନଂ ୬୧୯/୨୫ ମୋକଦ୍ଦମା ରୁଜୁ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ କୁମାର ମୁଦୁଲି ଠାରୁ ପ୍ରକାଶ।

# ଲାଞ୍ଚ ନେଉଥିବା ସମୟରେ ଜୁନିଅର କ୍ଲର୍କ ଗିରଫ



**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

କିଛି ସମୟ ପୂର୍ବରୁ, ନନ୍ଦପୁର, ଜିଲ୍ଲା କୋରାପୁଟର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ଜୁନିୟର କ୍ଲର୍କ ସମ୍ବିତ ତ୍ରିପାଠିଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ଯେତେବେଳେ ସେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଥିବା ଜଣେ ମୃତ ସରକାରୀ କର୍ମଚାରୀଙ୍କ RACP/MACP ଏବଂ ବକେୟା ଦରମା ପାଇଁ ଫାଇଲ୍ ପ୍ରକ୍ରିୟାକରଣ ପାଇଁ ମୋଟ୍ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିବା ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିଲେ ଏବଂ ନେଉଥିଲେ। ଶିକ୍ଷକଙ୍କ କାର୍ଯ୍ୟକାଳ ୨୭.୧୦.୨୦୧୯ ତାରିଖରେ ଶେଷ ହୋଇଥିଲା। ଚାକିରି ସମୟରେ ଏହି ଶିକ୍ଷକଙ୍କ ଅବସାନ ଘଟିଛି। ଶିକ୍ଷକଙ୍କ ମୃତ୍ୟୁ ପରେ, ତାଙ୍କ ସ୍ତ୍ରୀ, ଜଣେ ବୃଦ୍ଧା ପରିବାର ପେନ୍‌ସନ୍ ନେଉଥିଲେ ଏବଂ ସେହି ଉପରେ ଜୀବିକା ନିର୍ବାହ କରୁଥିଲେ। ସମ୍ପ୍ରତି, ୧୧.୦୬.୨୦୨୫ ତାରିଖରେ, ମୃତ ଶିକ୍ଷକଙ୍କ ସଂଶୋଧିତ ପେନ୍‌ସନ୍/ଗ୍ରାଚ୍ୟୁଇଟି ବାହାର କରିବା ପାଇଁ ନନ୍ଦପୁରର ବିଇଓଙ୍କ କାର୍ଯ୍ୟାଳୟରେ ସକ୍ଷମ ଅଧିକାରୀଙ୍କ ଠାରୁ ମଞ୍ଜୁରୀ ମିଳିଥିଲା। କିନ୍ତୁ, ଶ୍ରୀ ତ୍ରିପାଠି ଫାଇଲ୍ ପ୍ରକ୍ରିୟାକରଣ କରିନଥିଲେ, ବରଂ ସେ RACP/MACP ଏବଂ ସଂଶୋଧିତ ପେନୟସନୟ/ଗ୍ରାଚ୍ୟୁଇଟି ବାହାର କରିବା ପାଇଁ ଫାଇଲ୍ ପ୍ରକ୍ରିୟାକରଣ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ ଏବଂ ମୃତକଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରେ ରାଶି ଜମା କରିଥିଲେ। ଶ୍ରୀ ତ୍ରିପାଠି, ଜୁନିଅର କ୍ଲର୍କଙ୍କ ଦ୍ୱାରା ବୃଦ୍ଧା ପରିବାର ପେନ୍‌ସନ୍ ଭୋଗୀଙ୍କୁ ହଇରାଣ କରାଯାଇଥିବା ସୂଚନା ପାଇ, ଭିଜିଲାନ୍ସ କର୍ତ୍ତୃପକ୍ଷ ଶ୍ରୀ ତ୍ରିପାଠିଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚର କିସ୍ତି ଭାବରେ ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ ସମ୍ବିତ ତ୍ରିପାଠି, ଜୁନିଅର କ୍ଲର୍କଙ୍କ ପାଖରୁ ସମ୍ପୂର୍ଣ୍ଣ ୧୫,୦୦୦ ଟଙ୍କା ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଶ୍ରୀ ତ୍ରିପାଠିଙ୍କ ଦୁଇଟି ସ୍ଥାନରେ ଏକକାଳୀନ ସନ୍ଧାନ ଚାଲିଛି। ଏହି ସମ୍ପର୍କରେ, କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୬ ତାରିଖ ୦୫.୦୮.୨୦୨୫ ତାରିଖ ୭ ପିସି (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜିକୃତ ହୋଇଛି। ଅଭିଯୁକ୍ତ ଶ୍ରୀ ତ୍ରିପାଠି, ଜୁନିଅର କ୍ଲର୍କଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି।

# କେନ୍ଦୁଝରର ବିଭିନ୍ନ ଡାକଘର ମାନଙ୍କରେ ସେବା ବ୍ୟାହତ:ଉପଭୋକ୍ତାଙ୍କ ଭିତରେ ଅସନ୍ତୋଷ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ପ୍ରଧାନ ଡାକଘରର ସମସ୍ତ କାର୍ଯ୍ୟ ଲଗାତର ଦୁଇଦିନ ଧରି ବ୍ୟାହତ ହେବା ଯୋଗୁ ଲୋକେ ନାହିଁନଥିବା ହଇରାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗତ ୨୭ ତାରିଖରେ ଏକ ପ୍ରେସ୍ ସୂଚନା ମାଧ୍ୟମରେ କେନ୍ଦୁଝରର ସମସ୍ତ ଡାକଘର ମାନଙ୍କରେ ଚାଲୁଥିବା କମ୍ପ୍ୟୁଟର ମାନଙ୍କରେ ଗ୍ରାହକଙ୍କ ଉତ୍ତମ ସେବା ଯୋଗାଇବା ପାଇଁ ଏକ ନୂତନ ଏପିଟି ଆପ୍ଲିକେସନ୍ ଲୋଡ଼ କରାଯିବା ପାଇଁ ପ୍ରେସ୍ ସୂଚନା ମାଧ୍ୟମରେ ଲୋକଙ୍କୁ ଦୁଇ ତାରିଖ ସମସ୍ତ ଡାକଘର ବନ୍ଦ ରହିବ ବୋଲି ଜଣାଇ ଦିଆଯାଇଥିଲା। ଏହି ନୂତନ ପିଢୀର APT ଆପ୍ଲିକେସନ୍ ବ୍ୟବହାରର ଆରମ୍ଭ ହେଲେ ଦେଶରେ ଡିଜିଟାଲ୍ ଉତ୍କର୍ଷତା ଓ ରାଷ୍ଟ୍ର ନିର୍ମାଣ ପାଇଁ ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଇଥିଲା । ଏହି ସାମୟିକ ସେବା ବିରତି ଦ୍ୱାରା ଡାଟା ମାଇଗ୍ରେସନ୍, ସିଷ୍ଟମ୍ ଯାଞ୍ଚ ଓ ବିନ୍ୟାସ ପ୍ରକ୍ରିୟା ସମ୍ପାଦନ କରାଯିବ, ଯାହା ଏହି ନୂତନ ସିଷ୍ଟମ୍‌କୁ ସୁଚାରୁ ଏବଂ କୁଶଳତା ପୂର୍ବକ ଚାଲୁ କରିବାରେ ସହାୟକ ହେବ ବୋଲି ଡାକ ଅଧିକ୍ଷକ କହିଛନ୍ତି। ଏହି APT ଆପ୍ଲିକେସନ୍ କାର୍ଯ୍ୟ କରିବାପରେ ଉପଭୋକ୍ତାଙ୍କୁ ଉନ୍ନତ ଅନୁଭୂତି, ତ୍ୱରିତ ଓ ସୁବିଧାଜନକ ସେବା ପ୍ରଦାନ କରାଯାଇପାରିବ, ଯାହା ସ୍ମାର୍ଟ, କ୍ଷମତାସମ୍ପନ୍ନ ଓ ଭବିଷ୍ୟତର ଡାକ ସେବା ଯୋଗାଇବ ବୋଲି କୁହାଯାଇଥିଲା। ସୋମବାର ସକାଳୁ ଲୋକେ ଡାକଘର ନିଜର ବିଭିନ୍ନ କାର୍ଯ୍ୟ



ପାଇଁ ଆସି ଡାକଘର ଭିତରେ କମ୍ପ୍ୟୁଟର ଠିକ୍ ଭାବରେ ଖୋଲୁନଥିବା ଯୋଗୁ ବ୍ୟତିବ୍ୟସ୍ତ ହୋଇ ଫେରିଯାଇଥିଲେ। ଏକ ଡିଜିଟାଲ୍ ରୂପାନ୍ତରଣ ମାଧ୍ୟମରେ ଆଇଟି ୨.୦ ଆପ୍ଲିକେସନ୍ ରୋଲ୍‌ଆଉଟ୍ ଠିକ୍ ଭାବରେ କାର୍ଯ୍ୟ ନକରିବା ଯୋଗୁ ଲୋକେ ରେଜିଷ୍ଟ୍ରି ଚିଠି, ସ୍ପୀଡ଼ ପୋଷ୍ଟ, ନୂତନ ଜମା ଟଙ୍କା ଉଠାଣ ଆଦି କରିପାରିନଥିଲେ। ଏ ବିଷୟରେ ଡାକ ବିଭାଗ ନୂତନ ସଫ୍ଟୱେୟାର ଦୋଷ ଦେଇଥିବା ବେଳେ ଲୋକେ କାହା ଦୋଷ ଦେବେ ବୋଲି ଭାବୁଥିଲେ। ମଙ୍ଗଳବାର ମଧ୍ୟ ଅନୁରୂପ ଭାବେ ସମସ୍ୟା ଦେଖାଯିବା ଯୋଗୁ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇଥିଲା। ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବାରୁ ଲୋକେ ରାକ୍ଷୀ ପଠାଇବା ପାଇଁ ବହୁସମୟ ଧରି ଅପେକ୍ଷାକରି ରହିଥିଲେ। ଲୋକେ ଡାକ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏ ବିଷୟରେ ଡାକ ଅଧିକ୍ଷକଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଏହି ନୂତନ ସଫ୍ଟୱେୟରରେ କିଛି ସମସ୍ୟା ରହିଛି। ଏ ବିଷୟରେ ଆଇଟି ବିଭାଗ ସହ ଯୋଗାଯୋଗ କରାଯାଇ ସମାଧାନ କରାଯାଉଛି। ଖୁବ୍‌ଶୀଘ୍ର ଡାକବିଭାଗର ସମସ୍ତ କାର୍ଯ୍ୟ ସ୍ୱାଭାବିକ ହୋଇଯିବ। ଲୋକ ଭୋଗୁଥିବା ଅସୁବିଧା ପାଇଁ ସେ ଦୁଃଖବ୍ୟକ୍ତ କରିବା ସହିତ ଏକ ଆଧୁନିକ ଡିଜିଟାଲ୍ ସେବା ପ୍ରଦାନ କରିବା ପାଇଁ ସରକାର ଚିନ୍ତା କରି ସଫ୍ଟୱେର୍‌ରେ ପରିବର୍ତ୍ତନ ଆଣିଛନ୍ତି ବୋଲି କହିଛନ୍ତି।

# ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ପକ୍ଷରୁ 'ମେକ୍ ଇନ୍ ଓଡ଼ିଶା'କୁ ସମର୍ଥନ ପାଇଁ ସ୍ଥାନୀୟ ଯୋଗାଣ ଶୃଙ୍ଖଳର ସୁଦୃଢ଼ୀକରଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି। ଏହି ବରାଦଗୁଡ଼ିକ ଟିପି ସେଣ୍ଟ୍ରାଲ୍, ଟିପି ସଦର୍ଣ୍ଣ, ଟିପି ନଦର୍ଣ୍ଣ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବା ବେଳେ ୧୭,୬୭୨ରୁ ଅଧିକ ବରାଦ ଆଞ୍ଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି। ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ)ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ



ଦର୍ଶାଉଛି। ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଣ୍ଟ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ୍ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି। ବିଦ୍ୟୁତ୍ ଭିତ୍ତିଭୂମି ଆବଶ୍ୟକତା ପାଇଁ ପୁଞ୍ଜି ବ୍ୟୟ (କ୍ୟାପେକ୍ସ), ପରିଚାଳନା ବ୍ୟୟ (ଓପେକ୍ସ), ସରକାରୀ ପାଣ୍ଠି ପ୍ରକଳ୍ପ ଏବଂ ବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାମ ପାଇଁ ଏହି ବରାଦଗୁଡ଼ିକ ଦିଆଯାଇଛି। ବଣ୍ଟନ ଟ୍ରାନ୍ସଫର୍ମର, ତାର, ଖୁଣ୍ଟ, ଏଲଟି ଓ ଏଚ୍‌ଟି ହାର୍ଡୱେର, ଲାପଟପ୍, ଡେସ୍କଟପ୍ ଓ ଅନ୍ୟାନ୍ୟ ପ୍ରମୁଖ ଉପକରଣ ଯୋଗାଣ କ୍ଷେତ୍ରରେ ପ୍ରାୟ ୨୫୦୦ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି। ଏହି ସହଯୋଗିତା ସ୍ଥାନୀୟ ଦକ୍ଷତା ବିକାଶ ଗଠନ ଓ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ସମୁଦାୟରୁ ନିଯୁକ୍ତି ଦେବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି, ଯାହାଫଳରେ ସ୍ଥାନୀୟ ସ୍ତରରେ ପ୍ରତ୍ୟକ୍ଷ ନିଯୁକ୍ତି ଉତ୍ସ ସୃଷ୍ଟି ହେବ ଏବଂ ଦକ୍ଷତା ବିକାଶରେ ଉନ୍ନତି ହୋଇପାରିବ। ଏହି ଅଭିଯାନ ଓଡ଼ିଶା ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' ଲକ୍ଷ୍ୟ ସହିତ ସମନ୍ୱିତ ରହିଛି ଯେଉଁଥିରେ ଏକ ସ୍ୱାବଲମ୍ବୀ, ଦୃଢ଼ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି।

# ସୁବର୍ଣ୍ଣପୁର ଯୁବ ଓ ଛାତ୍ର ବିଜେଡ଼ି ପକ୍ଷରୁ ଡିଜିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ସ୍ମାରକ ପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ କ୍ରମାଗତଭାବେ ବଢିଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ସୁବର୍ଣ୍ଣପୁର ଜିଲ୍ଲା ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଡିଜିଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଏସ୍‌ପିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ କଚେରୀ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ ଯୁବ ଓ ଛାତ୍ର ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ରାଜ୍ୟ ସରକାରଙ୍କ ଉପରେ ବିଭିନ୍ନ ନାରାବାଜି ଦେଇ ଗର୍ଜିବା ସହ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରା ଆସି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୋଲିସ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଯଦି ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି ଆନ୍ଦୋଳନ ଜୋର୍‌ଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା। ଏହି ବିକ୍ଷୋଭ ପ୍ରଦର୍ଶନ ତଥା ସ୍ମାରକ ପତ୍ର ପ୍ରଦାନ ବେଳେ ସୁବର୍ଣ୍ଣପୁର ବିଜେଡି ଯୁବ ସଭାପତି ଅଶୋକ ନନ୍ଦ, ଛାତ୍ର ସଭାପତି ଶାଶ୍ୱତ କୁମାର ମିଶ୍ର , ଅଭିଷେକ ଶର୍ମା, ଅମୀୟ ରଞ୍ଜନ ଦାଶ, ନାରାୟଣ ଲୁହା, ବେଲାର ସାହୁ, ଦେବାଶିଷ ପଟ୍ଟନାୟକ, ରୋସନ ଶର୍ମା, ଈଶ୍ୱର ବିଶି ପ୍ରମୁଖଙ୍କ ସହ ଅନେକ ଯୁବ ନେତା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ///// ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ଶିଶୁ ବିଭାଗର ଅଜବ ନୀତି /////

# ଗୋଟିଏ ସିଲିଣ୍ଡରରେ ଦୁଇ ଶିଶୁଙ୍କୁ ଦିଆଯାଉଛି ଅକ୍ସିଜେନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ ସୁପର ସ୍ପେସିଆଲୋଟି କୋଠା ପରିସରରେ ସୋମବାର ଏକ ବିରଳ ଚିତ୍ର ସମସ୍ତଙ୍କୁ ଚକିତ କରିଦେଇଛି। ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଦୁଇ ନବଜାତ ଶିଶୁଙ୍କୁ ଅକ୍ସିଜେନ୍ ପ୍ରଦାନ କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରେ ୨ଜଣ ନବ ଜନ୍ମିତ ଶିଶୁଙ୍କ ନାକରେ ଅକ୍ସିଜେନ୍ ଟ୍ୟୁବ୍ ଲଗାଇବା ସହ ଜଣେ ଆଟେଣ୍ଡାଣ୍ଟ ସିଲିଣ୍ଡରକୁ ୩ ଶହ ମିଟର ପର୍ଯ୍ୟନ୍ତ ଟାଣି ଟାଣି ନେଉଥିଲେ। ପଛରେ ଶିଶୁମାନଙ୍କୁ ତାଙ୍କ ମା' ଓ ସମ୍ପର୍କୀୟମାନେ ନିଜ କୋଳରେ ଧରି ଚାଲି ଚାଲି ଯାଉଥିଲେ। ଏସ୍‌ଏନ୍‌ସିୟୁ (ସ୍ପେଶାଲ୍ ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍)ରୁ ଉକ୍ତ ୨ଶିଶୁଙ୍କ ଇକୋ କରିବା ପାଇଁ ଏହିପରି କଦର୍ଯ୍ୟ



ଅବସ୍ଥାରେ ନିଆଯାଇଥିଲା। ଏହିପରି ଚିକିତ୍ସା କୌଶଳ ଏବଂ ପଦ୍ଧତିକୁ ଦେଖି ରୋଗୀଙ୍କ ଜୀବନ ସହ ଖେଳୁଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ ମେଡ଼ିକାଲ୍‌ର ଶିଶୁ ରୋଗ ବିଭାଗ ଏସ୍‌ଏନ୍‌ସିୟୁ (ସ୍ପେଶାଲ୍‌ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍)ରେ କିଛିଦିନ ହେବ ପାତ୍ରପୁର ବ୍ଲକ ପଦାଧିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ ଦିନର ଶିଶୁ ପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ ଦିନର ଶିଶୁ କନ୍ୟାଙ୍କ ଚିକିତ୍ସା ଜାରି ରହିଛି। ଉଭୟ ଶିଶୁ ଡାକ୍ତରଙ୍କ ପରାମର୍ଶକ୍ରମେ ମେଡ଼ିକାଲ୍ ପରିସରରେ ଥିବା ସୁପର ସ୍ପେସିଆଲୋଟି କୋଠାକୁ ଇକୋ ପରୀକ୍ଷା କରିବାକୁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଭର୍ତ୍ତି ଅକ୍ସିଜେନ୍ ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ସିଲିଣ୍ଡର ଧରି ଆଟେଣ୍ଡାଣ୍ଟ ଜଣକ ଆଗେ ଆଗେ ଯାଉଥିବା ବେଳେ ୨ଜଣ ମାଆ ଓ ସମ୍ପର୍କୀୟମାନେ ଶିଶୁଙ୍କୁ କୋଳେଇ ପଛରେ ଯାଉଥିଲେ। ଏହା ସମୟରେ ଶିଶୁ ବିଭାଗର ଜଣେ ଡାକ୍ତର ମଧ୍ୟ ଉଭୟ ଶିଶୁଙ୍କ ନିକଟରେ ରହିଥିଲେ। ପରେ ଶିଶୁମାନେ ହୃଦରୋଗ ବିଭାଗରେ ପହଞ୍ଚି ଇକୋ ପରୀକ୍ଷା କରିଥିଲେ। ଏ ନେଇ ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି ଯେ, ଉଭୟ ଶିଶୁଙ୍କ ଅକ୍ସିଜେଲ ଫ୍ଲୋ ସମାନ ରହିଥିଲା। କିନ୍ତୁ ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ୍ ପ୍ରଦାନ କରିବାକୁ ବାରଣ କରିବା ସହ ଶିଶୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଏଭଳି କାର୍ଯ୍ୟ ପୁନର୍ବାର ନକରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡା. ଶତପଥୀ କହିଛନ୍ତି। ଏହାସହ ମେଡ଼ିକାଲ୍ ଶିଶୁ ବିଭାଗରେ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ରହିଥିବା କହିଛନ୍ତି।




# ରକ୍ଷାବନ୍ଧନ ଉପଲକ୍ଷେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ମହିଳାଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପାଖେଇ ଆସୁଛି ଭାଇଭଉଣୀଙ୍କ ସ୍ନେହର ପର୍ବ ପବିତ୍ର ରକ୍ଷାବନ୍ଧନ। ଟିପିସିଓଡିଏଲ୍ ଏହାର ସିଏସ୍‌ଆର ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ଅନନ୍ୟ ସଂସ୍କୃତିକ ଲୋକକଳା ପଟ୍ଟଚିତ୍ର ଓ ଡୋକ୍ରା କାରିଗରୀକୁ ନେଇ ପ୍ରସ୍ତୁତ ପରିବେଶ ଉପଯୋଗୀ ରାକ୍ଷୀର ପ୍ରଚାର ପ୍ରସାର ଦିଗରେ ନେଇଛି ଅଭିନବ ପଦକ୍ଷେପ। ମହିଳା ସଶକ୍ତିକରଣ ଓ କଳା ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ, ଟିପିସିଓଡିଏଲ୍ ଓଡ଼ିଶାର ପାରମ୍ପରିକ ଶିଳ୍ପ-ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାକ୍ଷୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି। ଏହି ହାତ ତିଆରି ରାକ୍ଷୀଗୁଡିକ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ହେରିଟେଜ୍ ଭିଲେଜର ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଯାହାକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି। କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରର ଇଡ୍‌କୋ ଟାୱାର୍‌ରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା। ଶହ ଶହ ଲୋକ ଷ୍ଟଲ୍ ପରିଦର୍ଶନ କରିଥିଲେ ଏବଂ ଏହି ସୁନ୍ଦର ହସ୍ତଶିଳ୍ପ ରାକ୍ଷୀଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ । ଟିପିସିଓଡିଏଲ୍ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ ରୁ ଅଧିକ ମହିଳା ଲୋକକଳାର ତାଲିମ୍ ନେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହି ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ଉଦ୍ୟମୀତା ରାସ୍ତାରେ ଆଗେଇ ନେବା ସହ ଓଡ଼ିଶାର ପାରମ୍ପରିକ କଳାକୁ ପୁନରୁଜ୍ଜୀବିତ କରୁଛି। ଏହି ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନୀ, ସ୍ଥାନୀୟ ବିକ୍ରୟ କେନ୍ଦ୍ର ଓ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିକ୍ରୟ କରାଯାଉଛି। ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ରାକ୍ଷୀ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ମହିଳା ସଶକ୍ତିକରଣର ପ୍ରତୀକ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୭।୮।୨୦୨୫, ଶ୍ରାବଣ ଦି୨୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୪।୨୮ ଚନ୍ଦ୍ରୋଦୟ- ସଂଘ ୫।୦୨।୦୬**

**ତ୍ରୟୋଦଶୀ-** ଦିଘ ୨।୨୮ ପର୍ଯ୍ୟନ୍ତ। **ପୂର୍ବାଷାଢ଼ା ନକ୍ଷତ୍ର-** ଦିଘ ୨।୦୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୮।୧୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। ରାଘ ୮।୧୦ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ରାଘ ୮।୧୦ ଗତେ ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୨।୨୮ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୧୧ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀଶିବ ପବିତ୍ରାରୋପଣ, ଶରଣ ପଞ୍ଚକ ଆରମ୍ଭ।

**ମେଷ:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଅଟକି ରହିଥିବା କାମ ଆରମ୍ଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଶରୀର ସୁସ୍ଥ ରହିବ ।

**ବୃଷ:** ଧର୍ମ ମାର୍ଗରେ ମନୋନିବେଶ କରିବେ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ରୋଜଗାରରେ ଉନ୍ନତି ଦେଖାଦେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମହିଳାମାନେ ସୁଖୀ ହେବେ।

**ମିଥୁନ:** ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। ବ୍ୟବସାୟରେ ଲାଭବାନ୍ ହେବେ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଦୂରକୁ ଯାତ୍ରା କରିପାରନ୍ତି।

**କର୍କଟ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।

**ସିଂହ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଦେହ ଓ ମନ ଭଲ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ। ଘରେ ଆନନ୍ଦ ଦେଖାଦେବ ।

**କନ୍ୟା:** ଯଶସ୍ୱୀ ହେବେ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାର ମଧ୍ୟମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।

**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଶ୍ରେୟସ୍କର। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ ।

**ବିଛା:** ବିବାଦୀୟ ଘଟଣାରେ ଦୂରେଇ ରହିବ। କର୍ମକ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ସହକର୍ମୀମାନେ ଭୁଲ୍ ବୁଝିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଅଶାନ୍ତି ଓ କଳହ ଦେଖାଦେବ।

**ଧନୁ:** ମାନସିକ ସ୍ଥିତି ସୁଦୃଢ଼ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଆୟରେ ଉନ୍ନତି ଦେଖାଦେବ। ହଠାତ୍ କୌଣସି ଶୁଭ ଖବର ପାଇପାରନ୍ତି ।

**ମକର:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦୂରଯାତ୍ରା କରିପାରନ୍ତି। କଚେରି ମାମଲାରେ ସୁଫଳ ପାଇବେ। ଆୟ ଭଲ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।

**କୁମ୍ଭ:** ସତ କଥା କହି ଆପଣାର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ବ୍ୟବସାୟ କ୍ଷତିରେ ଚାଲିବ। ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବାର ସୂଚନା।

**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୮।୮।୨୦୨୫, ଶ୍ରାବଣ ଦି୨୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୪।୨୪ ଚନ୍ଦ୍ରୋଦୟ- ସଂଘ ୫।୪୯।୧୧**

**ଚତୁର୍ଦ୍ଦଶୀ-** ଦିଘ ୨।୧୨ ପର୍ଯ୍ୟନ୍ତ। **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୨।୨୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଟେ ଓ ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୨।୧୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୬।୧୯ ମଧ୍ୟେ । ଦିଘ ୧୨।୧୮ ଗତେ ଘ ୨।୫୧ ମଧ୍ୟେ । **ପର୍ବୋତ୍ସବ-** ପୂର୍ଣ୍ଣିମା ବିହିତ ଚନ୍ଦ୍ର ଉପବାସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବଢ଼ିପାରେ ପେଟ୍ରୋଲ ଏବଂ ଡିଜେଲ ଦର

ରୁଷ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ବିଶ୍ୱବ୍ୟାପୀ ତୈଳ ଯୋଗାଣକୁ ବାଧା ଦେଇପାରେ। ଏପରି ପରିସ୍ଥିତିରେ, ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇ ସହିତ କଥାବାର୍ତ୍ତା ସମୟରେ, ତୈଳ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଆଗାମୀ ମାସଗୁଡ଼ିକରେ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ବର୍ଦ୍ଧିତ ଭୂରାଜନୈତିକ ବିପଦ ତୈଳ ମୂଲ୍ୟ ଉପରେ ଚାପ ବୃଦ୍ଧି କରିପାରେ। ଭେଣ୍ଟୁରାର କମୋଡିଟିଜ୍ ଏବଂ ସିଆରଏମ ମୁଖ୍ୟ ଏନଏସ ରାମାସ୍ୱାମୀ କହିଛନ୍ତି, 'ବ୍ରେଣ୍ଟ ତେଲର ମୂଲ୍ୟ (ଅକ୍ଟୋବର ୨୦୨୫) ୭୨.୭ ଡଲାରରୁ ଆରମ୍ଭ ହୋଇ ୭୬ ଡଲାରରେ ପହଞ୍ଚିପାରେ। ୨୦୨୫ ଶେଷ ସୁଦ୍ଧା ମୂଲ୍ୟ ୮୦-୮୨ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ୟୁକ୍ରେନରେ ଯୁଦ୍ଧ ଶେଷ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷକୁ ୧୦-୧୨ ଦିନର ସମୟସୀମା ଦେଇଛନ୍ତି। ଯଦି ଏହା ନହୁଏ, ତେବେ ରୁଷ ସହିତ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ କଟକଣା ଏବଂ ୧୦୦ ପ୍ରତିଶତ ଦ୍ୱିତୀୟ ଶୁଳ୍କ ଲାଗୁ ହେବାର ଆଶଙ୍କା ରହିଛି। ଏହା ତେଲ ମୂଲ୍ୟକୁ ଆହୁରି ବୃଦ୍ଧି କରିବ।' ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯୋଗୁଁ ରୁଷରୁ ଅଶୋଧିତ ତୈଳ ଆମଦାନୀ କରୁଥିବା ଦେଶଗୁଡ଼ିକ ପାଇଁ କମ୍ ହାରରେ ଅଶୋଧିତ ତୈଳ କିଣିବା କିମ୍ବା ଆମେରିକାର ଭାରୀ ରପ୍ତାନି ଶୁଳ୍କର ସମ୍ମୁଖୀନ ହେବା କଷ୍ଟକର ହୋଇଯିବ। ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲୁଟିଆଇ) ଅଶୋଧିତ ତୈଳର ମୂଲ୍ୟ (ସେପ୍ଟେମ୍ବର ୨୦୨୫) ବର୍ତ୍ତମାନର ୬୯.୬୫ ଡଲାର ସ୍ତରରୁ ୭୩ ଡଲାରକୁ ବୃଦ୍ଧି ପାଇବ। ୨୦୨୫ ଶେଷ ସୁଦ୍ଧା ମୂଲ୍ୟ ୭୬-୭୯ ଡଲାରକୁ ବୃଦ୍ଧି ପାଇପାରେ, ଯେତେବେଳେ ନିମ୍ନଗାମୀ ସମର୍ଥନ ୬୫ ଡଲାରରେ ରହିବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଜିନିଷଗୁଡ଼ିକ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ। ଉତ୍ପାଦନ କ୍ଷମତା ହ୍ରାସ ଯୋଗାଣରେ ଝଟକା ସୃଷ୍ଟି କରିପାରେ, ଯାହାକି ୨୦୨୬ ପର୍ଯ୍ୟନ୍ତ ତୈଳ ମୂଲ୍ୟ ଉଚ୍ଚ ରଖିପାରେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
ଓଁ ଏକାକ୍ଷର
ତତ୍ତ୍ୱ 'ଅ'-
ଅନନ୍ତାୟ
ନମଃ

'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ
ରାମ ରାମ ହରେ ହରେ'
ମହାମନ୍ତ୍ର-ତତ୍ତ୍ୱର ବ୍ରହ୍ମ ତତ୍ତ୍ୱ ହେଉଛି ମୁକ୍ତି ତତ୍ତ୍ୱ
ହେ ବ୍ରହ୍ମ ମୋତେ ମାୟାକଲ
ମାୟା ସଂସାରେ ଭ୍ରମାଇଲ (୧)
ସୃଷ୍ଟି କର୍ତ୍ତାଟି ତୁମ୍ଭେ ମୋର
ତେଣୁଟି ତୁମ୍ଭେ ମୋ ପିୟର (୨)
ଯୋଗ ତପସ୍ୟା ନଜାଣଇ
ତୁମ୍ଭର ନାମ ନଭଜଇ (୩)
କାହିଁକି ମୋତେ ଦୟାକଲ
ସ୍ୱପନେ ଯୋଗ ଶିକ୍ଷା ଦେଲ (୪)
କିପରି ଭାବେ ମୁଁ ଗମିବି
କିପରି ସୃଷ୍ଟିକୁ ପାଳିବି (୫)
କଳିରେ ନାମ କି ଭଜିବି
ହେ ସୃଷ୍ଟି କର୍ତ୍ତା କୁହ କିଛି (୬)
ଏ କଳି ଯୁଗ ବିପରୀତ
ସୃଷ୍ଟି କର୍ତ୍ତାଟି ଏକା ସତ୍ୟ (୭)
ଦର୍ଶନ ଦେଲ ଯଦି ମୋତେ
କଳିର ତତ୍ତ୍ୱ କୁଳ ମୋତେ (୮)
ଜଗତ ଯାକ ଭ୍ରମି ଭ୍ରମି
ପାଇଲି ପିତା ଅନ୍ତର୍ଯ୍ୟାମୀ (୯)
ଜଗତ ପିତା ବୋଲାଇଲ
ପୁତ୍ରକୁ କେଉଁ ଶିକ୍ଷା ଦେଲ (୧୦)
କହିବ ପ୍ରଭୁ ବ୍ରହ୍ମଦେବ
ଅଭି ନ ଜାଣେ ଅନ୍ୟ ଭାବ (୧୧)
(କ୍ରମଶଃ)

# ଅମୃତର ଧାରା


ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ମାତୃ ଗର୍ଭରେ ନଅ ମାସ ଦଶ ଦିନ ରହିବାପରେ ମାନବ ଶିଶୁ ଭୂମିଷ୍ଠ ହେବାମାତ୍ରେ ତା'ର ପ୍ରଥମ ଖାଦ୍ୟ ମା' ସ୍ତନରେ କ୍ଷୀର ରୂପେ ଗଚ୍ଛିତ ଥାଏ। ତେଣୁ ଏହାକୁ ପ୍ରକୃତିର ମାନବ ପ୍ରତି ସର୍ବଶ୍ରେଷ୍ଠ ଦାନ ରୂପେ ବିବେଚନା କରାଯାଏ। ମା' ସ୍ତନରେ ଥିବା କ୍ଷୀର ଶିଶୁ ପାଇଁ ଅମୃତର ଧାରା। ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମା' ସ୍ତନ୍ୟ ପାନ କରାଇ ସର୍ବପ୍ରଥମ ଓ ସର୍ବୋତ୍ତମ ଉପହାର ତା' ଶିଶୁକୁ ଦେଇଥାଏ। ଶିଶୁ ପାଇଁ ମା' କ୍ଷୀର ଅନ୍ୟ ଯେ କୌଣସି ପରିପୂରକ ଶିଶୁ ଖାଦ୍ୟ ଅପେକ୍ଷା ସର୍ବୋତ୍କୃଷ୍ଟ ତଥା ଅତୁଳନୀୟ। ମା' କ୍ଷୀରରେ ଶିଶୁର ଶରୀର ଉପଯୋଗୀ ଜୀର୍ଣ୍ଣକାରୀ ରସ, ଆବଶ୍ୟକୀୟ ଭିଟାମିନ୍, ଜୀବାଣୁ ଓ ରୋଗନିରୋଧକ ଶକ୍ତି ଥିବାରୁ ଏହାର ବିକଳ୍ପ ନାହିଁ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି। ଶିଶୁର ଶାରିରୀକ ଓ ମାନସିକ ଅଭିବୃଦ୍ଧି ନିମନ୍ତେ ଯେତିକି ପ୍ରୋଟିନ୍ ଆବଶ୍ୟକ ମା' କ୍ଷୀରରେ ଠିକ୍ ସେତିକି ପରିମାଣର ପ୍ରୋଟିନ୍ ଅଛି ବୋଲି ଗବେଷଣାରୁ ଜଣାପଡିଛି। ମା କ୍ଷୀର ଖାଇଥିବା ଶିଶୁର ରୋଗ ପ୍ରତିଷେଧକ ଶକ୍ତି ଅନ୍ୟ ଶିଶୁଙ୍କ ତୁଳନାରେ ଅଧିକ ଥାଏ।

ମା' ସ୍ତନରୁ ଶିଶୁଟି ସ୍ତନ୍ୟପାନ କଲାବେଳେ ମା'ର ମନ କୃତଜ୍ଞତାରେ ଭରିଯାଏ। ସ୍ତନ୍ୟପାନ କେବଳ ମା'କୁ ମାନସିକ ନୁହେଁ ଆଧାତ୍ମିକ ଭାବରେ ତୃପ୍ତି କରାଇଥାଏ। ଶିଶୁ ପ୍ରତି ମା'ର ବାତ୍ସଲ୍ୟ ମମତା ଓ ଆସକ୍ତି ବୃଦ୍ଧି କାରଣରୁ ସ୍ତନ୍ୟପାନ ପ୍ରକ୍ରିୟା ଫଳପ୍ରସୂ ହୁଏ। ଗର୍ଭଧାରଣ କାଳରେ ମା' ଶରୀରରେ ସୃଷ୍ଟି ହୋଇଥିବା ଚର୍ବି କ୍ଷୀର ସୃଷ୍ଟି ବେଳେ ନଷ୍ଟ ହେବା ଫଳରେ ମା'ର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଭଲ ରହେ। ଶିଶୁକୁ କ୍ଷୀର ଖୁଆଇବା ଫଳରେ ପରବର୍ତ୍ତୀ ଗର୍ଭଧାରଣ ପାଇଁ ସମୁଚିତ ସମୟ ବ୍ୟବଧାନ ରଖାଯାଇପାରେ। ଶିଶୁକୁ କ୍ଷୀର ଖୁଆଇବା ଦ୍ୱାରା ମା' ଶରୀରରୁ ହର୍‌ମୋନ୍ ଝରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ସ୍ତନ୍ୟପାନ ସମୟରେ ଶିଶୁ ଓ ମା'ର ସଂପର୍କ ନିବିଡ ଥିବାରୁ ଭବିଷ୍ୟତରେ ସନ୍ତାନ ଶାନ୍ତ ସ୍ୱଭାବର ହୋଇଥାଏ।

ସ୍ତନ୍ୟପାନ ଶିଶୁର ସର୍ବଶ୍ରେଷ୍ଠ ଆହାର ଭାବେ ମାନ୍ୟତା ସମଗ୍ର ବିଶ୍ୱରେ ପାଇଛି। ଭାରତର ଗ୍ରାମାଞ୍ଚଳରେ ମାତୃ ସ୍ତନ୍ୟପାନ କରାଇବା ରୀତି ସର୍ବତ୍ର ପ୍ରଚଳିତ। ସାଧାରଣ ଭାବରେ ଭାରତରେ ସ୍ତନ୍ୟପାନ ଏକ ସାଧାରଣ ଓ ସ୍ୱାଭାବିକ ଘଟଣା ହେଲେ ମଧ୍ୟ ସହରାଞ୍ଚଳରେ ବିଶେଷତଃ ଉଚ୍ଚ ଶିକ୍ଷିତ ମହିଳାମାନଙ୍କ ମଧ୍ୟରେ ସ୍ତନ୍ୟପାନର ହାର କମୁଥିବା ଜଣାଯାଏ। ସହରାଞ୍ଚଳର ମହିଳାମାନଙ୍କର ଦୁର୍ବଳତା ପ୍ରଦର୍ଶନ ପାଇଁ ଜନ୍ମରୁ ୬ ମାସର ପ୍ରାୟ ୩୦ ପ୍ରତିଶତ ଶିଶୁ ମା କ୍ଷୀରରୁ ବଞ୍ଚିତ ହେଉଛନ୍ତି। ଆଧୁନିକ ଯୁଗର କେତେକ ମହିଳା ମନେ କରନ୍ତି ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ସ୍ୱାସ୍ଥ୍ୟ ଖରାପ ହେବା ସହ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ। ବାସ୍ତବରେ ଏହା ସତ୍ୟ ନୁହେଁ। ଶିଶୁଟି ମା ପାଖରେ ଅଧିକ ସମୟ ପର୍ଯ୍ୟନ୍ତ ରହିବାର ସୁଯୋଗ ସ୍ତନ୍ୟପାନ ଦ୍ୱାରା ପାଇଥାଏ। ସ୍ତନ୍ୟପାନ ଦ୍ୱାରା ମା' ଓ ଶିଶୁ ସୁସ୍ଥ ରହନ୍ତି। ପ୍ରସବ ପରେ ପ୍ରଥମେ କିଛି ଦିନ ପାଇଁ ମାତୃ ସ୍ତନରୁ ବାହାରୁଥିବା ଗାଢ ହଳଦିଆ ରଙ୍ଗର କ୍ଷୀରକୁ 'କୋଲୋଷ୍ଟ୍ରାମ' ବା କଷ କ୍ଷୀର କୁହାଯାଏ। କେତେକ ମନେକରନ୍ତି ମା'ର କଷ କ୍ଷୀର ଶିଶୁ ପାଇଁ କ୍ଷତିକାରକ। ବହୁ କ୍ଷେତ୍ରରେ ଶିଶୁ ଜନ୍ମ ହେବାପରେ ମା'ର କଷ କ୍ଷୀର ଶିଶୁକୁ ନଦେଇ ମହୁପାଣି, ଫୁଟାପାଣି, ଗ୍ଲୁକୋଜ ପାଣି ଦିଆଯାଇଥାଏ। ଯାହା ଫଳରେ ଭାରତର ଶତକଡା ୨୨ ଭାଗ ଶିଶୁଙ୍କର ଜୀବାଣୁ ସଂକ୍ରମଣ ଯୋଗୁଁ ମୃତ୍ୟୁ ହୋଇଥାଏ। ଏଥିରେ ଥିବା ଆଣ୍ଟିବଡି ଶିଶୁକୁ ସୁସ୍ଥ ଓ ନିରୋଗ ରଖେ। ଏହି କଷ କ୍ଷୀର ଶିଶୁର ରକ୍ତରେ ମିଶି ରୋଗପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଏଥିରେ ଜୀବସାର, ପୁଷ୍ଟିସାର, ଧାତୁ ସାର ତଥା ଅନ୍ୟାନ୍ୟ ରୋଗ ପ୍ରତିରୋଧକାରୀ ଶକ୍ତି ପ୍ରଚୁର ପରିମାଣରେ ଥିବାରୁ ନବଜାତ ଶିଶୁକୁ ତରଳ ଝାଡା, ନିମୋନିଆ ଇତ୍ୟାଦି ସଂକ୍ରାମକ ରୋଗରୁ ରକ୍ଷା କରେ। ଏହି କଷ କ୍ଷୀର ଖାଇଲେ ଶିଶୁ ବାହାର କ୍ଷୀର ଖାଇଥିବା ଶିଶୁ ଅପେକ୍ଷା କାଶ ଓ ଶ୍ୱାସ ସଂକ୍ରମଣଜନିତ ରୋଗରେ କମ୍ ଆକ୍ରାନ୍ତ ହୋଇଥାଏ। ଏହି କ୍ଷୀର ଖାଇବା ଦ୍ୱାରା ଶିଶୁର ସ୍ନାୟୁ ଓ ମସ୍ତିଷ୍କର ଅଭିବୃଦ୍ଧି ଉତ୍ତମ ଭାବରେ ହେଉଥିବାରୁ ସେ ଶୀଘ୍ର ପେଟାଏ, ଆଣ୍ଠାଏ ଓ ଚାଲିବାକୁ ଆରମ୍ଭ କରେ। ମା' କ୍ଷୀର ନିରାପଦ, ଉଷୁମ, ପରିଷ୍କାର ଓ ଜୀବାଣୁମୁକ୍ତ ତେଣୁ ଶିଶୁକୁ ଏଥିରୁ ବଞ୍ଚିତ କରିବାକୁ ଅନୁଚିତ। ଅଷ୍ଟ୍ରେଲିଆର ଏକ ଶିଶୁ ସ୍ୱାସ୍ଥ୍ୟ ଅନୁସନ୍ଧାନ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଣ୍ଡିଆଡିଙ୍କ ମତରେ ଯଦି ଶିଶୁକୁ ପ୍ରାରମ୍ଭିକ ଭାବେ ଚାରିମାସ ପର୍ଯ୍ୟନ୍ତ କିମ୍ବା ତଦୁର୍ଦ୍ଧ୍ୱ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଯାଏ ତେବେ ଶିଶୁ ଶ୍ୱାସରୋଗରୁ ମୁକ୍ତ ରହିବା ସହ ଶିଶୁର ନିଶ୍ୱାସ ପ୍ରଶ୍ୱାସଜନିତ ଅସ୍ୱାଭାବିକ ତ୍ରୁଟିର ପ୍ରତିରୋଧ କରାଯାଇପାରିବ। ସ୍ତନ୍ୟପାନ କରାଉଥିବା ମା' ଉତ୍ତମ ପୌଷ୍ଟିକ୍ ତତ୍ତ୍ୱ ଗ୍ରହଣ କରିବା ଦରକାର। ଦୈନିକ ୨୭୦୦ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଓ ପ୍ରଚୁର ପାଣି ପିଇବା ଦରକାର। ବିଶେଷ କରି ସର୍କରାଜାତୀୟ ଓ ପୁଷ୍ଟିଜାତୀୟ ଓ ଚର୍ବି ଜାତୀୟ ଖାଦ୍ୟ ଖାଇବା ଦରକାର।

ସ୍ତନ୍ୟପାନ ହେଉଛି ମା'ର ମମତାର ପରିଭାଷା ଓ ଅମୃତର ଧାରା। ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ। ଅମୃତ ତୁଲ୍ୟ ମା' କ୍ଷୀର ଶିଶୁ ପାଇଁ କେତେ ଉପାଦେୟ ତାହା ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା' ବୁଝିବା ଉଚିତ୍। ସରକାରଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂସ୍ଥା ଏଥିପାଇଁ ସଚେତନ କରାଇ ଆସୁଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ ରିପୋର୍ଟରେ କୁହାଯାଇଛି ଯେ ଓଡିଶାରେ ଜନ୍ମରୁ ୬ ମାସ ମଧ୍ୟରେ କେବଳ ସ୍ତନ୍ୟପାନ କରିଥିବା ଶିଶୁଙ୍କ ହାର ହେଉଛି ୭୨.୯ ପ୍ରତିଶତ। ମାତ୍ର ୬୮.୫ ପ୍ରତିଶତ ଶିଶୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ମା' କ୍ଷୀର ପିଇଥାନ୍ତି। ସେହିପରି ୭୨.୯ ପ୍ରତିଶତ ଶିଶୁ ୬ ମାସ ପର୍ଯ୍ୟନ୍ତ ଓ ୬୭.୫ ପ୍ରତିଶତ ଶିଶୁ ୬ ମାସ ପର ପର୍ଯ୍ୟନ୍ତ ସ୍ତନ୍ୟପାନ କରିଥାନ୍ତି। ସ୍ତନ୍ୟପାନ ଜରିଆରେ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି।

# ସ୍ୱାଧୀନତା ସଂଗ୍ରାମୀ ଅଗ୍ନିଶିଖା ସରଳାଦେବୀ


ଦାଶରଥୀ ଶତପଥୀ
ପ୍ରାକ୍ତନ ଆୟୁକ୍ତ ଓ ସଚିବ
ଓଡ଼ିଶା ବିଧାନସଭା
ମୋ ନଂ- ୯୪୩୮୦୮୧୭୧୩

ଅଗଷ୍ଟ ନଅ ତାରିଖ। ଅଗଷ୍ଟ କ୍ରାନ୍ତି ଦିବସ। ଏହି ପବିତ୍ର ଦିବସରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା, ଅବିଭକ୍ତ କଟକ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ, ମହିୟସୀ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ। ସେ ଥିଲେ ସ୍ଫୁଲିଙ୍ଗର ଅଗ୍ନିଶିଖା ଓ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ। କଟକର ପ୍ରଥମ ବିଧାୟିକା ଓ ସୁ-ସାହିତ୍ୟିକା।

ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ଗ୍ରାମରେ ଜନ୍ମ ନେଇଥିଲେ ସରଳାଦେବୀ କିନ୍ତୁ ବାଲ୍ୟକାଳରୁ ତାଙ୍କ ଭିତରେ ଭରି ରହିଥିଲା ଜାତୀୟତାବୋଧ ଏବଂ ଜନ୍ମଭୂମୀକୁ ଭଲ ପାଇବାର ଉଦ୍ଦୀପନା। ଓଡ଼ିଶା କଂଗ୍ରେସର କର୍ଣ୍ଣଧାର ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କୁ ସେ ବିବାହ କରିଥିଲେ। ମାତ୍ର ବୟସ ଥିଲା ତେର ବର୍ଷ। ସ୍ୱାମୀଙ୍କର ପ୍ରେରଣା ତାଙ୍କୁ ଜାତୀୟତାବାଦରେ ଉଦବୁଦ୍ଧ କରିଥିଲା। ସେ ଥିଲେ ଅସୀମ ସାହସୀ, ସ୍ୱାଧୀନଚେତା ଏବଂ ଉତ୍କଳର ନାରୀ ସମାଜର ଦୁଃଖ ଦୁର୍ଦ୍ଦଶା ଦୂର କରିବାପାଇଁ ସେ ଜାତୀୟତା ବହ୍ନିରେ ନିଜ ସୁଖ ସମାଜକୁ ତ୍ୟାଗକରି, ସେହି ମହାମନ୍ତ୍ରରେ ଉଦବୁଦ୍ଧ ହୋଇଥିଲେ।

ସରଳାଦେବୀଙ୍କ ଜୀବନକାଳ ଥିଲା ଘଟଣା ବହୁଳ। ବିଧାୟିକା ରୂପେ ସେ ୧୯୩୬ ମହିହାରୁ ୧୯୪୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟକରିଥିଲେ। ତାଙ୍କର ପ୍ରଖର ଦଖଲଥିଲା ଓଡ଼ିଆ ଓ ଇଂରାଜୀରେ ଭାଷଣ ଦେବା। ନାରୀଶିକ୍ଷାର ପ୍ରସାର, ମହିଳାମାନଙ୍କର ବିକାଶ, ବାଲ୍ୟବିବାହ ପ୍ରଥାର ଉଚ୍ଛେଦ, ଯୌତୁକ ପ୍ରଥାର ପ୍ରତିବାଦ ଇତ୍ୟାଦି ବିଲ୍ ସେ ବିଧାନସଭାରେ ଆଗତ କରିଥିଲେ। ବାଲ୍ୟ ବିବାହ ବିରୋଧରେ "ଶାରଦା ଆଇନ" ପାରିତ ହେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ୧୯୨୨ ମସିହାରେ "ଅଳକା ଆଶ୍ରମ" ଗୋପବନ୍ଧୁ ଚୌଧୁରୀ, ଭାଗିରଥୀ ମହାପାତ୍ର ଏବଂ ପ୍ରାଣକୃଷ୍ଣ ପଡିହାରୀଙ୍କ ନେତୃତ୍ୱ ଏବଂ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଗଲା। ସେହି ଆଶ୍ରମରୁ ଅହିଂସା, ବିଦେଶୀ ଦ୍ରବ୍ୟ ଲୁଗାପଟା ବର୍ଜନ କରିବା ପାଇଁ ଜନତାଙ୍କୁ ଜାଗ୍ରତ କରିବା ପାଇଁ "ଉତ୍କଳିକା" ନାମକ ଏକ ସାପ୍ତାହିକ ସରଳାଦେବୀଙ୍କ ସମ୍ପାଦନାରେ ପ୍ରକାଶ କରାଯାଇଥିଲା। ଉତ୍କଳ ସତ୍ୟାଗ୍ରହରେ ସରଳାଦେବୀଙ୍କ ଭୂମିକା ପ୍ରଶଂସନୀୟ। ଅନ୍ୟ ସହଯୋଗୀଙ୍କ ସହ ସେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ସତ୍ୟାଗ୍ରହୀ ଥିଲେ ସରଳାଦେବୀ। ବିଧାୟିକା ଭାବରେ ତାଙ୍କର କାର୍ଯ୍ୟାବଳୀ, ଆଦର୍ଶ, ତାଙ୍କର ବକ୍ତୃତା ଓ ବିଧାନସଭାର ବିବରଣୀ ଆଗାମୀ ପିଢୀ ପାଇଁ ପ୍ରେରଣାର ଉତ୍ସ ଓ ଆତ୍ମ ସମୀକ୍ଷାର ଏକ ଅବକାଶ। ସେହି ସମୟର ସ୍ୱାଧୀନତା ଆନ୍ଦୋଳନର ପୁରୋଧା ସାଜିଥିବା ମହାତ୍ମାଗାନ୍ଧୀ, ଜବହରଲାଲ ନେହେରୁ, ଦୁର୍ଗାବାଈ ଦେଶମୁଖ, ଆଚାର୍ଯ୍ୟ କୃପାଳିନୀ, କମଳାଦେବୀ ଚଟ୍ଟୋପାଧ୍ୟାୟ ଏବଂ ସରୋଜିନୀ ନାଇଡୁଙ୍କ ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ।

ସାହିତ୍ୟ ଜଗତକୁ ସରଳାଦେବୀଙ୍କ ଦାନ ଅତୁଳନୀୟ। ସେ ପ୍ରାୟ ୩୦ ଖଣ୍ଡ ପୁସ୍ତକ ଏବଂ ୩୦୦ ( ତିନିଶହରୁ) ଊର୍ଦ୍ଧ୍ୱ ପ୍ରବନ୍ଧ ରଚନା କରିଛନ୍ତି, ତାଙ୍କର ପ୍ରମୁଖ ଲେଖା ଗୁଡ଼ିକ ହେଲା ବିଶ୍ୱ ବିପ୍ଳବିନୀ - ୧୯୩୦, ଉତ୍କଳ ନାରୀ ସମସ୍ୟା -୧୯୩୪, ନାରୀର ଦାବୀ -୧୯୩୪, ଭାରତୀୟ ମହିଳା ପ୍ରସଙ୍ଗ ୧୯୩୫, ରବିନ୍ଦ୍ର ପୂଜା ୧୯୩୫, ବୀର ରମଣୀ -୧୯୪୯। ଏତଦ ବ୍ୟତୀତ ସେ ମଧ୍ୟ ଉତ୍କଳ ସାହିତ୍ୟ ସମାଜ କଟକର ସମ୍ପାଦିକା ହିସାବରେ ୧୯୪୩ ରୁ ୧୯୪୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇଥିଲେ।

ସରଳାଦେବୀଙ୍କ ଜନ୍ମ ୧୯୦୪ ମସିହା। ୧୯୮୬ ମସିହାରେ ସେ ଇହଲୀଳା ସମ୍ବରଣ କରିଥିଲେ। ଏହି ମହାନ ଅଗ୍ନିଗର୍ଭା ସ୍ୱାଧୀନତା ସଂଗ୍ରାମୀ, ଆମ ଜାତି ଓ ଦେଶର ଗୌରବ। ତାଙ୍କର ଆଦର୍ଶ ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ, ଏହାହିଁ ତାଙ୍କ ପବିତ୍ର ଜନ୍ମ ଦିବସରେ ଆମର ତାଙ୍କ ପ୍ରତି ଜନ୍ମଦିନର ପ୍ରଣାମ।

# ସ୍ୱଭାବ କବି ଗଙ୍ଗାଧର ମେହେର


ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ। କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ। କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି , ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ। କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି। ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ। କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ। ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ। ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା। ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ। ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ। ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା। ସେ ସାତ ବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ। କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଞ୍ଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ। ଦାରିଦ୍ରର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା। ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ। ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ। ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତଥିଲା। ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ। ବ୍ରାଞ୍ଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ। ଉକ୍ତ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ। ପାଠ ପଢା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ। ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା। ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ ଜୀବନ ଆରମ୍ଭ ହେଲା। ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା। ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ। ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ। ଠିକ୍ ଏତିକି ବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଉପକରଣ ପୋଡିଗଲା। ଗଙ୍ଗାଧରଙ୍କ ଦାରିଦ୍ର୍ୟ, ବେଡି ଉପରେ ନଳିତା ବିଡାପରି ହୋଇଉଠିଲା। ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ। ୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ। ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ୍ୟ ବୁଝୁଥିଲେ। ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ। ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ। ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ। ଏହି ପଦ୍ମପୁରରୁ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଓଡିଆ ଭାଷାର ସ୍ୱତନ୍ତ୍ର ନିର୍ମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗଦେଇଥିଲେ। କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ। କବିବର ରାଧାନାଥ ରାୟଙ୍କ ଘରେ ଅତିଥି ହୋଇଥିଲେ। ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ। ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ। ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା। ୧୪.୦୭.୧୮୯୭ ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ। ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ। ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ। ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ। ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେବି, ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ। ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ। ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ। ସେଠାରେ ସେ ଜନ କଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି'। ଗଙ୍ଗାଧରଙ୍କର ପାରିବାରିକ ଜୀବନ ଦୁଃଖପୂର୍ଣ୍ଣ ଥିଲା। ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ। ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍ପେସିତ ହୋଇ ମଧ୍ୟ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ। ଅସାଧାରଣ ଧୈର୍ଯ୍ୟ, କର୍ତ୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା। ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ୍ୟ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ। ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା। ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ। ସେ ପ୍ରଧାନତ କାବ୍ୟର କବି ଥିଲେ। କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ, ରସ ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର, ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି।

ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି। ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ୱଲ୍ୟମାନ ହୋଇରହିବେ। କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

'ଭିକ୍ଷୁକ ସଙ୍ଗତେ ନୃପ
ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ
ଭବୁଁ ଅନ୍ତର୍ହିତ।
କିନ୍ତୁ ତୁମ୍ଭେ ଦିନ କବି ରହିବ
ଜୀବିତ
ଯେତେଦିନ ଭବେ ଥିବ
ଓଡିଆ ସାହିତ୍ୟ।'

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
Editor : Jayasish Roy
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୪୫

## ଦ୍ରୌପଦୀଙ୍କ ବିଷାଦ-୩



ଦୁଃଶାସନ ଦ୍ରୌପଦୀଙ୍କ ଆଡ଼େ ଆଗେଇଲେ । ଯଦି ସ୍ୱେଚ୍ଛାରେ ବସ୍ତ୍ର ନଦିଅନ୍ତି ସେ ବଳପ୍ରୟୋଗ କରି ବସ୍ତ୍ର ନେଇ ଆସିବେ । ଦ୍ରୌପଦୀ ପରିସ୍ଥିତିର ଗମ୍ଭୀରତା ଅନୁମାନ କରି ଆଖିବୁଜି ଦେଇଥିଲେ । ସେ ଜାଣିଗଲେ ସେହି ସଭାରେ କେହି ତାଙ୍କୁ ସାହାଯ୍ୟ କରିବେନାହିଁ । ସେ ହାତଯୋଡ଼ି କହିଲେ, "ହେ ନାରାୟଣ ! ତୁମେ ମୋର ସବୁକିଛି । ତୁମେ ଜଗତର ପ୍ରଭୁ । ତୁମ ଉପରେ ମୋର ଆସ୍ଥା ଓ ବିଶ୍ୱାସ । ମୋତେ ରକ୍ଷାକର ।" ଆଖିବୁଜି ଓ ଦୁଇହାତ ଉପରକୁ ଟେକି ସେ ପ୍ରାର୍ଥନାରେ ହଜିଗଲେ ।

ଦ୍ରୌପଦୀ ସ୍ୱେଚ୍ଛାରେ ବସ୍ତ୍ର ଦେବେନାହିଁ ଜାଣି ଦୁଃଶାସନ ଜୋର୍‌କରି ବସ୍ତ୍ର ଟାଣିବାକୁ ଲାଗିଲେ ।

ସଭାରେ ଥିବା ସମସ୍ତେ ବରିଷ୍ଠ ଦୁଃଶାସନକୁ ସେମନ୍ତ କାର୍ଯ୍ୟରୁ ନିବୃତ କରେଇବା ପରିବର୍ତ୍ତେ ମୁହଁ ତଳକୁ କଲେ ।

ଦୁଃଶାସନ ଟାଣିଚାଲିଥାଏ ବସ୍ତ୍ର । ଆରେ କ'ଣ ବସ୍ତ୍ର ସରୁନାହିଁ ? ସେ ଯେତେ ଟାଣୁଥାନ୍ତି, ସେତେ ଲମ୍ବ ଜଣାପଡୁଥାଏ ବସ୍ତ୍ର । ବାହାରେ ବସ୍ତ୍ର ଗଦାହୋଇଗଲାଣି । ତଥାପି ଦ୍ରୌପଦୀଙ୍କ ଦେହରୁ ବସ୍ତ୍ର ସରୁନାହିଁ । ସେ ବସ୍ତ୍ର ପୁଣି ସତେଜ ଓ ସଫେଦ ! କେଉଁଠୁ ଆସୁଛି !

ସଭାସ୍ଥ ଲୋକ ଜାଣୁଥିଲେ ଏହା ଏକ ସ୍ୱର୍ଗୀୟ ରହସ୍ୟ ! ମୂଢ଼ମାନେ ସେଥିରୁ କିଛି ନବୁଝିବା ବିଡମ୍ବନା ନିଶ୍ଚୟ ।

ଦ୍ରୌପଦୀ ଆଖିବୁଜି ହାତଯୋଡ଼ି ଠିଆହୋଇଛନ୍ତି ।

ଦୁଃଶାସନ ବସ୍ତ୍ର ଟାଣି ଟାଣି କ୍ଳାନ୍ତ । କ୍ଳାନ୍ତ ଦୁଃଶାସନ ବସିପଡ଼ିଲା ।

ସେମନ୍ତ ଦୈବୀ ଘଟନା ଦେଖି ବରିଷ୍ଠ ଥରି ଉଠୁଥିଲେ ଓ କେତେକ କାନ୍ଦି ଉଠିଲେ ।

ଭୀମସେନ୍ ନିଜକୁ ନିୟନ୍ତ୍ରଣ ଭିତରେ ରଖିପାରିଲେ ନାହିଁ । ଚିତ୍କାର ଛାଡ଼ି ସେ ଘୋଷଣାକଲେ- ଏହି ପାପୀ ଦୁଃଶାସନର ଛାତି ଫଟେଇ ତାର ରକ୍ତ ଯେବେ ନପିଇଛି ମୁଁ ନର୍କରେ ପଡ଼ିବି !

ଏହି ଘୋଷଣାର ସମତାଳରେ ଘରିପଟୁ ଶୁଭିଲା ଶିଆଳମାନଙ୍କର ଅଶୁଭ ରଡ଼ି । ଏବଂ ଶାଗୁଣା ଓ ଛଞ୍ଚାଣମାନେ ଆକାଶରେ ଏଣେତେଣେ ଉଡ଼ିଲାଗିଲେ । ସୂଚନା ମିଳିଲା ଭୟାନକ ଘଟନା ଘଟିବାକୁ ଯାଉଛି ।

ଧୃତରାଷ୍ଟ୍ର ଜାଣୁଥିଲେ କ'ଣ ସବୁ ଘଟିଯାଉଛି । ସେ ଅନୁମାନ କରିନେଲେ, ତାଙ୍କ ବଂଶ ନାଶର ସମୟ ଆସନ୍ନ । ସେ ବିଚଳିତ ମନେହେଲେ । ଡାକିଲେ ଦ୍ରୌପଦୀଙ୍କୁ । ପାଖରେ ବସେଇଲେ । ଶାନ୍ତ ହେବାକୁ କୋମଳ ବାକ୍ୟ କହିଲେ । କହିଲେ ଯୁଧିଷ୍ଠିରଙ୍କୁ- ପୁତ୍ର, ଯାହା ଘଟିଗଲା ସବୁ ଭୁଲିଯା । ତୁମେ ଜଣେ ନିଷ୍କଳଙ୍କ ବ୍ୟକ୍ତି । ସବୁରି ପ୍ରିୟ ତୁମେ । ତୁମର ଅପହୃତ ରାଜ୍ୟ ଓ ସଂପଦ ସବୁ ଫେରସ୍ତ ନିଅ ଓ ଇନ୍ଦ୍ରପ୍ରସ୍ଥକୁ ଫେରିଯାଅ । ଆନନ୍ଦରେ ସମୟ ଅତିବାହିତ କର ।

ରାଜା ଧୃତରାଷ୍ଟ୍ରଙ୍କ ଠାରୁ ଏପରି ଶୁଣିବା ପରେ ପାଣ୍ଡବମାନେ ସେହି ଅଭିଶପ୍ତ ଗୃହ ଛାଡ଼ିଲେ ଓ ଇନ୍ଦ୍ରପ୍ରସ୍ଥ ଦିଗରେ ଯାତ୍ରାରମ୍ଭ କଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ରାକ୍ଷୀ ବାନ୍ଧିଦେବି ଭାଇ ହାତରେ



*ନିରଞ୍ଜନ ସାହୁ*

ଭାଇ ହାତେ ବାନ୍ଧିଦେବି
ମୋର ଟିକି ରାକ୍ଷୀ
ମହାପ୍ରଭୁ ଦୁଇ ଭାଇ
ରହିଥିବେ ସାକ୍ଷୀ ।

ବନ୍ଦାପନା ଥାଳି ନେଇ
ବନ୍ଦାପନା କରି
ମିଠା ମୁହିଁ ଖୁଆଇବି
ମନେ ଖୁସି ଭରି ।

ପ୍ରଣାମ କରି କହିବି
'କଇଲାଣ କର
କେବେହେଲେ କରିବନି
ମୋତେ ତୁମେ ପର ।

ଅଲିଅଳି ଭଉଣୀ ମୁଁ
ଘେନିବ ମୋ ଅଳି
କେବେହେଲେ ମୋ ସାଥିରେ
କରିବନି କଳି ।

ମୋର ସୁଖଦୁଃଖେ ତୁମେ
ଭାଗିଦାର ହେବ
ମୋ ଓଠରେ ସବୁବେଳେ
ହସ ତୁମେ ଦେବ ।

ଖବର ଅନ୍ତର ସଦା
ବୁଝୁଥିବ ମୋର
ସବୁବେଳେ କହୁଥିବ
ଭଉଣୀ ମୁଁ ତୋର ।

ମୋ ଆଖିରୁ ପୋଛିଦେବ
ଭାଇ ତୁମେ ଲୁହ
ଆଶା କରିବି ମୁଁ ତୁମେ
ମୋତେ କିଛି କୁହ ।'

ମୋର କଥା ଶୁଣିକରି
ହସିଦେବେ ଭାଇ
କହିବେ, 'ମୁଁ ରହିବି ଲୋ
ହୋଇ ତୋର ଛାଇ ।

ତୋ ସୁରକ୍ଷା ଦାଇତ୍ୱ ଲୋ
ମୋ ଉପରେ ନ୍ୟସ୍ତ
କାହିଁକି ଭଉଣୀ ତୁହି
ହେଉଅଛୁ ବ୍ୟସ୍ତ ।'

ଭାଇଙ୍କର ଉପହାର
ଶରଧାରେ ନେବି
ଗେହ୍ଲେଇ ହୋଇକି ମୁହିଁ
ଟିକେ ହସି ଦେବି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ରାକ୍ଷୀ ପୁନେଇଁଟା ଆସୁଛି

*ସୁରମା ମିଶ୍ର*

ରାକ୍ଷୀ ପୁନେଇଁଟା ଆସୁଛି
ମନ ମୋ ଉଷତ ହେଉଛି
ମୁଁ ଭାଇ ବାଟ ଚାହିଁ ବସିଛି
ଆଖି ଆଗେ ଭାଇ ମୁହଁ ନାଚୁଛି ॥

ବାପାଙ୍କ ସାଙ୍ଗେ ବଜାର ଯିବି
ଭାଇ ପାଇଁ ରାକ୍ଷୀ କିଣି ଆଣିବି
ବୋଉ କେତେ ପିଠାପଣା କରିବ
ଠାକୁରଙ୍କ ପାଖେ ଭୋଗ ବାଢ଼ିବ ॥

ଭାଇହାତେ ମୁହିଁ ରାକ୍ଷୀ ବାନ୍ଧିବି
ମୁଣ୍ଡେ ଚନ୍ଦନ ଚିତା ଲଗାଇବି
ଧୂପଦୀପ ଦେଇ ବନ୍ଦାଇ ଦେବି
ତା ଶୁଭ ଆଶିଷ ସଦା ପାଇବି ॥

ଭାଇ କେତେ ଉପହାର ଆଣିବ
ଆଞ୍ଜୁଳାଟା ମୋର ସେ ଭରି ଦେବ
ମନଟି ତ ମୋର ଖୁସି ହୋଇବ
କଣ୍ଠୁ ଗୁଣୁଗୁଣୁ ଗୀତ ଶୁଭିବ ॥

ରାକ୍ଷୀ ଅଟଇ ଆମ ପରମ୍ପରା
ସେ ତ ରହିବ ସଦା ଅପାଶୋରା
ଆମ ସଂସ୍କୃତି ତ ଆମ ଗରବ
ତାକୁ କେବେ କେହିରେ ନ ଭୁଲିବ ॥

*ବି ଏଲ-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ରାକ୍ଷୀଟିଏ ମୁହିଁ କହୁଛି କାହାଣୀ

*ସୁସ୍ମିତା ପଟେଲ୍*

ରକ୍ଷାବନ୍ଧନର ମନ୍ତ୍ର,
ଭାଇ ଭଉଣୀର ସେନେହ ମମତା
ବାନ୍ଧି ଥାଏ ରକ୍ଷାସୂତ୍ର ।
ରୋହିଣୀ ଗରଭୁ ଜନମ ନେଇକି
ବଳରାମ ବୋଲାଇଲେ,
ଶ୍ରାବଣ ପୂର୍ଣ୍ଣିମା ଦିନ ଶେଷନାଗ
ଧରାପୃଷ୍ଠେ ଅବର୍ତ୍ତିଲେ ।
ତାଙ୍କ ଜନ୍ମଦିନ ଗାଥା କହି ଥାଏ
ଶୁଣାଏ ସେ ଭାତୃପ୍ରେମ,
ହଳ ଓ ନଙ୍ଗଳ ଚାଷୀ ପୂଜା କରେ
ଗହ୍ମାପୂର୍ଣ୍ଣିମା ବି ନାମ ।
କୁରୁସଭାସ୍ଥଳେ ଚିରହରଣରେ
ଦ୍ରୌପଦୀ ଡାକିଲେ କୃଷ୍ଣ,
କୋଟି ବସ୍ତ୍ରେ ସଖା ଲଜ୍ଜା ନିବାରିଲେ
ରଖିଲେ ରାକ୍ଷୀର ମାନ ।
ହାତ କଟିଗଲା ଶ୍ରୀକୃଷ୍ଣଙ୍କ ଯେବେ
ରକ୍ତ ବହେ ଧାରଧାର,
ପିନ୍ଧା ପାଟବସ୍ତ୍ର ପଣତ ଦ୍ରୌପଦୀ
ଚିରି ବାନ୍ଧେ ରକ୍ଷାସୂତ୍ର ।
ଭଉଣୀ ବାନ୍ଧଇ ଭାଇ ହାତେ ରାକ୍ଷୀ
ରାକ୍ଷୀ ନୁହେଁ ସ୍ନେହ ଶ୍ରଦ୍ଧା,
ବିପଦୁ ଆପଦୁ ରକ୍ଷା କରିବ ହେ
ଭାଇକୁ ମୋହର ଏକା ।
ଭଉଣୀର ରକ୍ଷା କରିବାର ପଣ
କରିଥାଏ ଭାଇଟିଏ,
ତାର ସୁଖଦୁଃଖେ ସଦା ଠିଆ ହୋଇ
ରାକ୍ଷୀ ମାନ ରଖିଥାଏ ।

*କୁଟିଣ୍ଡା, ସମ୍ବଲପୁର*
*ମୋ-୭୮୯୪୬୬୧୧୨୩*

# ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ



*ଚନ୍ଦନ କୁମାର ଦାସ*

ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ
ଭଉଣୀ ପ୍ରେମର ସାକ୍ଷି ସିଏ
ସେହି ବନ୍ଧନରେ ବାନ୍ଧିହୁଏ ଯିଏ
ତାଠାରୁ ସୁଭାଗା ଅଛି କିଏ !
ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ ।
ସରାଗ ସେନେହ ଖିଅଟିଏ
ଆନନ୍ଦରେ ମନ ପୂରି ହୋଇଯାଏ
ଭାଇ ଡାକଟିଏ ଶୁଣେଯିଏ
ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ
ପରାଣର ସେତ ସେତୁଟିଏ
ହାତେ ବାନ୍ଧିଦେଲେ ବହି ହୋଇଯାଏ
ସମ୍ପର୍କ ସୁବର୍ଣ୍ଣ ରେଖାଟିଏ
ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ
ନିଆରା ବନ୍ଧନ ସୂତ୍ରଟିଏ
ସ୍ୱାର୍ଥର ସନ୍ଦେଶ ସେ ସୂତ୍ରେ ନଥାଏ
ନିସ୍ୱାର୍ଥ ସ୍ନେହର ଭାବଟିଏ
ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ
ସୁନା ଭଉଣୀର ଶ୍ରଦ୍ଧା ସିଏ
ସେନେହରେ ଯାର ହୃଦ ପୂରିଯାଏ
ସେନେହ ଆକାଶ ଛୁଏଁ ।
ରାକ୍ଷୀ ନୁହେଁ ସେତ ରାକ୍ଷୀଟିଏ ।

*ଆରୁହାବୃତ୍ତି, ଭୋଗରାଇ*
*ମୋ-୮୧୧୪୩୪୫୯୮୮*

# ସ୍ନେହର ଡୋର ରାକ୍ଷୀ

*ମିନାକ୍ଷୀ ଦ୍ୱିବେଦୀ*

ସ୍ନେହ ଡୋରେ ବନ୍ଧା ମଧୁର ମୁହୂର୍ତ୍ତ,
ଭାଇ-ଭଉଣୀର ଏକତାର ସର୍ତ୍ତ ॥

ପ୍ରେମ ଓ ବିଶ୍ୱାସରେ ହୃଦୟ ଗାନ,
ଚିର ସମ୍ପର୍କ ଏହି ରାକ୍ଷୀର ମାନ ॥

କେବେ ଝଗଡ଼ା ତ କେବେ ହସକାନ୍ଦ,
ମୁହଁ ଫୁଲାଫୁଲି, ବିତର୍କ ବିବାଦ ॥

ଅଝଟ ପଣର ଛବିଳ ସମୟ,
ଭାଇ ଯୋଗୁଁ ଥାଏ ଭଉଣୀ ନିର୍ଭୟ ॥

ରାକ୍ଷୀ ସୁରକ୍ଷାର ସଶକ୍ତ ପ୍ରାଚୀର,
କ୍ଷଣିକ ନୁହେଁ ସେ ଜନ୍ମ ଜନ୍ମାନ୍ତର ॥

ଭଉଣୀ ବାନ୍ଧି ଦିଏ ସ୍ନେହର ଝୁଲି,
ରକ୍ଷା କରେ ଭାଇ କବଚ ଭଳି ॥

ଭଗିନୀର ଦୁଃଖେ ଭାଇ ଯେ ଢାଲ,
ଆଜନ୍ମ ପ୍ରତିଶ୍ରୁତି ଭାଇର ଗେଲ ॥

ମଥାରେ ହଳଦୀ ଓ ଫୁଲ ଚନ୍ଦନ,
ମିଠା, ପିଠା, କ୍ଷୀରି କେତେ ବ୍ୟଞ୍ଜନ ॥

ଧାଗା ନୁହେଁ ସେତ ସଂଯୋଗର ସୂତ୍ର,
ଆତ୍ମୀୟତାର ଅଟେ ଅମୃତ ପାତ୍ର ॥

ଧରଣୀ ବାନ୍ଧେ ଇନ୍ଦ୍ରଧନୁର ରାକ୍ଷୀ,
ଜହ୍ନମାମୁଁ ଦିଅଇ ହାତ ସଳଖି ॥

ଜଗା ବଳିଆ ଆମ ପ୍ରାଣ ଠାକୁର,
ସୁଭଦ୍ରା ବାନ୍ଧନ୍ତି ମଙ୍ଗଳର ଡୋର ॥

ଭାଇ, ଭଉଣୀ ସ୍ନେହ ଅମୂଲ ମୂଲ
ସୁନା, ରୂପା, ହୀରା ହବନି ତୁଲ ॥

ରଜ୍ଜୁ ନୁହେଁ ସେତ ଶ୍ରଦ୍ଧାର ଡୋର
ଶୀତଳ ଚନ୍ଦନ ସମ ତପ୍ତ ମରୁର ॥

*ମୋ- ୭୯୭୮୦୮୨୮୩୪*



# ମୋ ଭାଇ ଆସିଛି



*କୁଞ୍ଜବିହାରୀ ସାହୁ*

ସଜେଇ ରଖିଲି ପିତ୍ତଳ ଥାଳିରେ
ଚନ୍ଦନ କୁଙ୍କୁମ ରାକ୍ଷୀ,
ଭାଇର ପସନ୍ଦ ରସାବଳୀ ମିଠା
ଖୁସିରେ ଦେବ ସେ ଚାଖି ।

ତାଆରି ହାତରେ ରାକ୍ଷୀଟି ବାନ୍ଧିବି
ଗେଲରେ ଧରିବ ମତେ,
ମୋ ପାଇଁ ଆଣିବ ଖେଳନା କଣ୍ଢେଇ
ଗପ ଯେ କହିବ କେତେ ।

ସବୁଠୁ ବଢ଼ିଆ ମୋ ବଡ଼ ଭାଇନା
ସିଏ ତ ଜଗତଜିତା,
ଏ ରାକ୍ଷୀ ପୂନେଇଁ ମଉଜ ଲାଗିବ
ବାନ୍ଧିଲେ ରେଶମୀ ଫିତା ।

ଝରକା ଫାଙ୍କରେ କିଏ ସେ ଚାହୁଁଛି
ଗଲି ମୁଁ ପାଖକୁ ଥିରି,
ମୋ ଭାଇ ଆସିଛି ଖୁସିରେ ନାଚିଲି
ହସିଦେଲି କିରିକିରି ।

ରାକ୍ଷୀ ପୂନେଇଁରେ ଆସିବ ବୋଲିକି
ଭାଇ ମୋର କହିଦେଲା,
ଖୁସିରେ ଖୁସିରେ ବୋଉକୁ କହିଲି
ଦୁଆର ରଖିଲି ମେଲା ।

*ପାତ୍ରପଡ଼ା, ଭୁବନେଶ୍ୱର*



# ରାକ୍ଷୀ ପୁନେଇଁ

*ଜୟକୃଷ୍ଣ ସାହୁ*

ପରବର ନାଆଁ ରାକ୍ଷୀ ପୁନେଇଁ
ଶିରାବଣ ମାସେ ଆସଇ ଧାଇଁ
ସଂପର୍କର ଡୋରି ଧରି,
ଭାଇ ଭଉଣୀର ଅତୁଟ ବନ୍ଧନ
ଗଢ଼ିଦିଏ ନୂଆ କରି ।

ସେଇ ଆମ ଗେହ୍ଲୀ ଭଉଣୀ ରାଣୀ
ରାକ୍ଷୀ ଆଣିଲାଣି ବଜାରୁ କିଣି
ତା' ଆଖିକି ନିଦ ନାହିଁ,
ରାକ୍ଷୀ ପୁନେଇଁରେ ଭାଇଙ୍କ ହାତରେ
ରାକ୍ଷୀ ବାନ୍ଧିଦେବା ପାଇଁ ।

ସଜାଇ ରଖିଛି ସେ ପୂଜାଥାଳି
ରାକ୍ଷୀ ଆଣିଅଛି ଭଳି କି ଭଳି
ବାନ୍ଧିଦେବ ଭାଇ ହାତେ,
ବନ୍ଦାପନା କରି ଚନ୍ଦନର ଟିପା
ଆଙ୍କିଦେବ ବିଧିମତେ ।

ସେ କହେ ତା' ଭାଇ ବହୁତ ଭଲ
ଭାଇ ତାକୁ କେତେ କରିବେ ଗେଲ
ଖୁଆଇଦେବେ ସେ ମିଠା,
ବୋଉ କରିଥିବ ରାକ୍ଷୀ ପୁନେଇଁରେ
କେତେ ଭଳି ଭଳି ପିଠା ।

ପରବ ପାଳିବେ ରାଇଜସାରା
ଉଛୁଳି ଉଠିବ ଖୁସିରେ ଧରା
ଦେଉଳରେ ପ୍ରଭୁ ବସି,
ରାକ୍ଷୀ ପୁନେଇଁରେ ଭଉଣୀ ହାତରୁ
ରାକ୍ଷୀ ବାନ୍ଧି ହେବେ ଖୁସି ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ମନେଇବା ଗହ୍ମାପର୍ବ

*ନୀଳମଣି ଚାନ୍ଦ*



ହଳ ଯା ଆୟୁଧ ସିଏ ଦିଅଁ ହଳି
ବଳଭଦ୍ର, ବଳରାମ
ଗହ୍ମା ପୂର୍ଣ୍ଣମାଟି ତାଙ୍କ ଜନ୍ମଦିନ
ଜାଣେ ଚାଷୀ ଭାଇ ଆମ ।

ସେ ଦିନ ବି ପଡ଼େ ରକ୍ଷାବନ୍ଧନ
ରାକ୍ଷୀ ପର୍ବ ବୋଲି ଜାଣୁ
ବରପାଲି ପୁଅ ସ୍ୱଭାବକବିଙ୍କ
କଥାଟି ମନରେ ଆଣୁ ।

ସିଏ ଲେଖିଥିଲେ ପ୍ରଣୟବଲ୍ଲରୀ
ତପସ୍ୱିନୀ, ଇନ୍ଦୁମତୀ
ଜନ୍ମ ହୋଇଥିଲେ ଏ ପୁଣ୍ୟ ତିଥିରେ
ମହାନ୍ କବି ସେ ଅତି ।

ବଳଭଦ୍ରଙ୍କର ପୂଜା କୃଷି ପାଇଁ
ରାକ୍ଷୀ ଯୋଡ଼େ ଭାଇଚାରା
ଗଙ୍ଗାଧର ନାମ କହିଦେଲେ ଜାଣେ
ପ୍ରିୟ ପାଠକ ଯେ ସାରା ।

ଜାଣିଗଲା ପରେ ଏତେ କଥା ସବୁ
ମନେଇବା ଗହ୍ମା ପର୍ବ
ମହାନ୍ ଆମରି ସଂସ୍କୃତି ପାଇଁ
କରିବା ନିଶ୍ଚୟ ଗର୍ବ ।

*ମନ୍ତ ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ରାକ୍ଷୀ ପୁନେଇଁ ଆସିଛି ଧାଇଁ...

*ରାମଚନ୍ଦ୍ର ବେହେରା*



ରାକ୍ଷୀ ପୁନେଇଁ ଆସିଛି ଧାଇଁ
ଏକ ବରଷ ଅନ୍ତେ
ଗେହ୍ଲି ଭଉଣୀ ସରାଗେ ରାକ୍ଷୀ
ବାନ୍ଧିବ ଭାଇ ହାତେ ।
ମମତା ଭରା ରେଶମ ଡୋରୀ
ଭାଇ ହାତରେ ବାନ୍ଧି
ପ୍ରଭୁଙ୍କୁ ଡାକି ଶୁଭ ମନାସୀ
କରିବ ପୂଜା ବିଧି ।
ସିନ୍ଦୂର ଟୋପା ମଥାରେ ଦେଇ
ଦୀପକୁ ହାତେ ଧରି
ଅତି ସରାଗେ ବନ୍ଦେଇ ଦେବ
ବାନ୍ଧି ରେଶମ ଡୋରୀ ।
ଭାଇ ମୁହଁରେ ମିଠେଇ ଦେଇ
ସେନେହ ଶ୍ରଦ୍ଧା ବୋଲି
ଆପଦ କାଳେ ସାହା ହେବାକୁ
କରିବ ସିଏ ଅଳି ।
ବଳକା ମିଠା ଭଉଣୀ ମୁହେଁ
ଦେଇ କହିବ ଭାଇ
ତୋର ଆପଦେ ନିଶ୍ଚେ ସାଜିବି
ରକ୍ଷା କବଚ ମୁହିଁ ।
ଭାଇ ଭଉଣୀ ମିଠା ସମ୍ପର୍କ
ତା'ର ତୁଳନା ନାହିଁ
ସ୍ନେହ ମମତା ସୂତାରେ ସିଏ
ରୁହନ୍ତି ଯୋଡ଼ି ହୋଇ ।
ରାକ୍ଷୀ ପୁନେଇଁ ଶୁଭ ବେଳାରେ
ଆସ ସଭିଏଁ ମିଳି
ପରମ୍ପରାକୁ ଆଗେଇ ନେବା
ସ୍ନେହ ପ୍ରଦୀପ ଜାଳି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୨୪୬*

# ହାତେ ବାନ୍ଧିଦେବି ରାକ୍ଷୀ



*ପ୍ରଶାନ୍ତ କୁମାର ଦାଶ*

ନୂଆ ରାକ୍ଷୀ ଆଣି ରଖିଚି ସାଇତି
ଭାଇହାତେ ଦେବି ବାନ୍ଧି
ଡାକିବି ଠାକୁରେ ଭାଇ ଭଉଣୀଙ୍କ
ସମ୍ପର୍କକୁ ରଖ ଛନ୍ଦି ।।

ଗହ୍ମା ପୁନେଇଁରେ ମନ୍ଦିରକୁ ଯାଇ
ପୂଜିବି ଦେଉଳେ ଦିଅଁ
କହିବି ଠାକୁରେ ମୋ ଟିକି ପ୍ରାଣର
ଶତ ପ୍ରଣିପାତ ନିଅ ।।

ଚନ୍ଦନ ଲଗାଇ ଫୁଲଟିଏ ଦେଇ
ଭାଇକୁ ମୁଣ୍ଡିଆ ମାରି
ରାକ୍ଷୀ ବାନ୍ଧି ହାତେ ଖୋଇଦେବି ମିଠା
ମନରେ ସରାଗ ଭରି ।।

ଶେଷେଦେବ ଭାଇ ମୋର ମନଜାଣି
ଦାମୀ ଉପହାର ଆଣି
ପାଇ ଉପହାର ଖୁସୀରେ ମୋହର
ବଢ଼ିଯିବ ଠାଣିମାଣି ।।

ଭାଇ ଭଉଣୀର ସମ୍ପର୍କ ଯୋଡଇ
ଗହ୍ମା ପୁନେଇଁଟି ଆସି
ରାକ୍ଷୀ ବାନ୍ଧିବାର ଛବି ଭଉଣୀର
ଆଖିକୋଣେ ଯାଏ ଭାସି ।।

ଭାଇ ମନତଳ ମମତାର ମୋତି
ତାସୁନା ଭଉଣୀ ସଦା
ହେଇଥାଏ ଶାହା ଭଉଣୀ ଜୀବନେ
ଆସେ ଯଦି ଦୁଃଖବାଧା ।।

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ : ଓଭାଲ ମ୍ୟାଜିକ୍ ପରେ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ମହମ୍ମଦ ସିରାଜ୍

**ନୂଆଦିଲ୍ଲୀ**

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଭାରତୀୟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମିଳିଛି ବଡ଼ ସଫଳତା। ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜ୍‌ରେ ସିରାଜ୍ ନିଜ ଯାଦୁ ଦେଖାଇଥିଲେ। ବିଶେଷ କରି ସିରିଜର ଶେଷ ମ୍ୟାଚ୍ ଅର୍ଥାତ ଦ ଓଭାଲରେ ସିରାଜଙ୍କ ମ୍ୟାଜିକ ଦେଖିବାକୁ ମିଳିଥିଲା। ମିଆଁ ମ୍ୟାଜିକ ପରେ ଏବେ ସିରାଜ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ବଡ଼ ଲମ୍ଫ ମାରିଛନ୍ତି। ସେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି।

ଆଇସିସି ପକ୍ଷରୁ ଜାରି ତଥ୍ୟ ଅନୁସାରେ, ମହମ୍ମଦ ସିରାଜ ଏକାଥରେ ୧୨ଟି ସ୍ଥାନ ଉପରକୁ ଉଠି ଟେଷ୍ଟ ବୋଲିଂ ର୍‍ୟାଙ୍କିଙ୍ଗର ୧୫ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ପ୍ରଥମ ଥର ପାଇଁ ସିରାଜ ତାଙ୍କ ଟେଷ୍ଟ କ୍ୟାରିୟରରେ ଏପରି ସଫଳତା ହାସଲ କରିପାରିଛନ୍ତି। ଏହାପୂର୍ବରୁ ସିରାଜ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଗୋଟିଏ ଥର ୧୬ ନମ୍ବର ସ୍ଥାନରେ ପହଞ୍ଚିଥିଲେ। ୨୦୨୪ ଜାନୁଆରୀ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ପରେ ସିରାଜ ର୍‍ୟାଙ୍କିଙ୍ଗର ୧୬ ନମ୍ବର ସ୍ଥାନ ଦଖଲ କରିଥିଲେ। କିନ୍ତୁ ଏବେ ସେ ୬୭୪ ପଏଣ୍ଟ ସହ ର୍‍ୟାଙ୍କିଙ୍ଗର ୧୫ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି।

ଦ ଓଭାଲରେ ଭାରତର ନାଟକୀୟ ବିଜୟର ହିରୋ ସିରାଜ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୪ଟି ଓ ଦ୍ୱିତୀୟ ଇନିଂସରେ ସେ ୫ ୱିକେଟ ନେଇଥିଲେ। ଭାରତ ୩୭୪ ରନକୁ ଡିଫେଣ୍ଡ କରି ୬ ରନରେ ମ୍ୟାଚ୍ କବଜା କରିଥିଲା। ଟିମର ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ସିରାଜ ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇ ଭାରତକୁ ବିଜୟ ଭେଟି ଦେଇଥିଲେ।




ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜରେ ୩୦ ବର୍ଷୀୟ ସିରାଜ ମୋଟ ୨୩ ୱିକେଟ ଦଖଲ କରିଛନ୍ତି। ସେ ପୂରା ସିରିଜରେ ୧୮୫.୨ ଓଭର ବୋଲିଂ କରିଥିଲେ। ତାଙ୍କ ଠାରୁ ଆଉ କେହି ବି ଅଧିକ ବୋଲିଂ କରିପାରି ନାହାନ୍ତି।

ଆଇସିସିର ଟପ୍ ୧୫ ଟେଷ୍ଟ ବୋଲରଙ୍କ ମଧ୍ୟରେ ସିରାଜଙ୍କ ବ୍ୟତୀତ ଯଶପ୍ରୀତ ବୁମ୍‌ରା ରହିଛନ୍ତି। ସେ ଇଂଲଣ୍ଡ ବିପକ୍ଷରେ ୩ଟି ମ୍ୟାଚ୍ ଖେଳିଥିଲେ ହେଁ ବିଶ୍ୱ ଟେଷ୍ଟ ବୋଲିଂ ର୍‍ୟାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ସେ ୩ଟି ମ୍ୟାଚ୍ ଖେଳି ୧୪ଟି ୱିକେଟ ନେଇଥିଲେ। ବୁମ୍‌ରା ୮୮୯ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା କାଗିସୋ ରବାଡ଼ାଙ୍କ ଠାରୁ ଏହା ୩୮ ପଏଣ୍ଟ ଅଧିକ।

ଅନ୍ୟମାନଙ୍କ କଥା ବିଚାରକୁ ନେଲେ, ଓଭାଲ ଟେଷ୍ଟରେ ୮ ୱିକେଟ ନେଇଥିବା ଭାରତର ପ୍ରସିଦ୍ଧ କ୍ରିଷ୍ଣା ୨୫ଟି ସ୍ଥାନ ଉପରକୁ ଉଠି ର୍‍ୟାଙ୍କିଙ୍ଗର ୫୯ତମ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡର ଗସ ଅଟକିନସନ ଓ ଜୋଶ ଟଙ୍ଗ ମଧ୍ୟ ନିଜ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିପାରିଛନ୍ତି।


ଓଭାଲ ଟେଷ୍ଟରେ ଉଭୟ ୮ଟି ଲେଖାଏ ୱିକେଟ ନେଇଥିଲେ। ଅଟକିନସନ ପ୍ରଥମଥର ପାଇଁ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଥିବା ବେଳେ ଟଙ୍ଗ ୧୪ଟି ସ୍ଥାନ ଉପରକୁ ଉଠି ୪୬ତମ ସ୍ଥାନରେ ପହଞ୍ଚିଛନ୍ତି।

ଟେଷ୍ଟ ବୋଲିଂ ରାଙ୍କିଙ୍ଗ : ଯଶପ୍ରୀତ ବୁମ୍ରା (ଭାରତ)-୮୮୯, କାଗିସୋ ରବାଡା (ଦକ୍ଷିଣ ଆଫ୍ରିକା)-୮୫୧, ପାଟ କମିନ୍ସ (ଅଷ୍ଟ୍ରେଲିଆ)-୮୩୮, ମ୍ୟାଟ ହେନରୀ (ନ୍ୟୁଜିଲାଣ୍ଡ)-୮୧୭, ଜୋଶ ହାଜେଲଉଡ୍ (ଅଷ୍ଟ୍ରେଲିଆ)-୮୧୫, ନୋମାନ ଅଲୀ (ପାକିସ୍ତାନ)-୮୦୬, ସ୍କଟ ବୋଲାଣ୍ଡ (ଅଷ୍ଟ୍ରେଲିଆ)-୭୮୪, ନାଥନ ଲାୟନ (ଅଷ୍ଟ୍ରେଲିଆ)- ୭୬୯, ମାର୍କୋ ୟାନସେନ (ଦକ୍ଷିଣ ଆଫ୍ରିକା)-୭୬୭, ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ)-୭୬୬, ଗସ ଅଟକିନସନ (ଇଂଲଣ୍ଡ)-୭୬୬।

ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗର ଟପ୍ ୫କୁ ପୁଣି ଫେରିଛନ୍ତି ଭାରତର ଯଶସ୍ୱୀ ଜୈସୱାଲ। ସେ ୩ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନ ଦଖଲ କରିଛନ୍ତି। ଋଷଭ ପନ୍ତ ଟପ୍ ୧୦ରେ ଥିଲେ ହେଁ ଗୋଟିଏ ସ୍ଥାନ ତଳକୁ ଖସି ୮ମ ଓ ଅଧିନାୟକ ଶୁବମନ ଗିଲ ୪ଟି ସ୍ଥାନ ତଳକୁ ଖସି ୧୩ ନମ୍ବରରେ ପହଞ୍ଚିଛନ୍ତି। ପୂର୍ବଭଳି ଜୋ ରୁଟ୍ ୧ନଂରେ ଓ କେନ ୱିଲିୟମସନଙ୍କୁ ପଛକୁ ଠେଲି ହ୍ୟାରୀ ବ୍ରୁକ୍ ୨ନଂ ସ୍ଥାନ ଦଖଲ କରିଛନ୍ତି।

# ଡିସେମ୍ବରରେ ଭାରତ ଆସି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମେସି

**ନୂଆଦିଲ୍ଲୀ**



ଆର୍ଜେଣ୍ଟିନାର କିଂବଦନ୍ତୀ ଫୁଟ୍‌ବଲର ଲିଓନେଲ ମେସି ଚଳିତ ବର୍ଷ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ବେଳେ ସେ କୋଲ୍‌କାତା, ଅହମଦାବାଦ, ମୁମ୍ବାଇ ଓ ନୂଆଦିଲ୍ଲୀରେ ରହିବେ। ଏହି ଅବସରରେ ସେ କୋଲ୍‌କାତାରେ ୭୦ ଫୁଟ୍ ଉଚ୍ଚ ନିଜର ଏକ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଗୋଟ୍ କପ୍ ଇଭେଣ୍ଟ୍‌ରେ ଯୋଗଦେବେ। ଏହା ସହିତ ଛୋଟପିଲାଙ୍କ ସହ କିଛି ସମୟ ଅତିବାହିତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୧୨ ତାରିଖରେ ସେ କୋଲ୍‌କାତାରେ ରାତି ୧୦ଟାରେ ପହଞ୍ଚିବେ। ଏହା ପରଦିନ ଲେକ୍ ଟାଉନ୍ ଶ୍ରୀଭୂମିସ୍ଥିତ ଭିଆଇପି ରୋଡ୍‌ରେ ଏହି ବିଶ୍ୱକପ୍ ବିଜେତା ଅଧିନାୟକ ନିଜର ପ୍ରଥମ ଓ ଉଚ୍ଚତମ ପ୍ରତିମୂର୍ତ୍ତି ଅନାବରଣ କରିବେ। ସେହିଦିନ ଇଡେନ୍ ଗାର୍ଡେନ୍ସରେ ୭ ସାଇଡ୍ ସଫ୍ଟବଲ୍ ପ୍ରତିଯୋଗିତା ଗୋଟ୍ କପ୍‌ରେ ଭାଗନେବେ। ଏହି ପ୍ରତିଯୋଗିତାରେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ୍, ଜନ୍ ଆବ୍ରାହମ୍, ବାଇଚୁଙ୍ଗ ଭୂଟିଆଙ୍କ ଭଳି ତାରକାମାନେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡେନ୍ ଗାର୍ଡେନ୍ସରେ ତାଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୧୩ ତାରିଖ ସନ୍ଧ୍ୟାରେ ମେସି ଅହମଦାବାଦ ଗସ୍ତ କରି ଆଦାନୀ ଫାଉଣ୍ଡେସନ୍‌ର ଶାନ୍ତିଗ୍ରାମ ମୁଖ୍ୟାଳୟରେ ଏକ ଘରୋଇ କାର୍ଯ୍ୟରେ ଯୋଗଦେବେ। ୧୪ରେ ମୁମ୍ବାଇ ଗସ୍ତ କରି ଭାରତୀୟ ସେଲିବ୍ରିଟିଙ୍କ ସହ କ୍ରିକେଟ୍ ଖେଳିବେ ଏବଂ ଭାରତୀୟ ଫୁଟ୍‌ବଲ୍ ଦଳକୁ ଭେଟିବାର ଯୋଜନା ରହିଛି। ୧୫ତାରିଖରେ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଏବଂ ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଫୁଟ୍‌ବଲର ଏବଂ କୁନି ପିଲାଙ୍କ ସହ ମିଶିବାର କାର୍ଯ୍ୟକ୍ରମ ରହିଛି।

# କୋହଲି- ରୋହିତ ଶର୍ମାଙ୍କୁ ନେଇ ଆସିଲା ବଡ଼ ଖବର

**ନୂଆଦିଲ୍ଲୀ**

ବିରାଟ କୋହଲି ଏବଂ ରୋହିତ ଶର୍ମା। ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇସାରିଛନ୍ତି, ଏବେ ଉଭୟ କେବଳ ଦିନିକିଆ ଫର୍ମାଟରେ ଖେଳିବେ। ପରବର୍ତ୍ତୀ ଦିନିକିଆ ବିଶ୍ୱକପ ୨୦୨୭ରେ, କ'ଣ ଏହି ଦୁଇ କିମ୍ବଦନ୍ତୀ ଏଥିରେ ଖେଳିବେ? ଏ ବିଷୟରେ ଆଲୋଚନା ଜୋର ଧରିଛି। ଏକ ସୂତ୍ର ଅନୁଯାୟୀ, ଯେ ୨୦୨୭ ସୁଦ୍ଧା ବିରାଟ-ରୋହିତ ପ୍ରାୟ ୪୦ ବର୍ଷ ବୟସର ହୋଇଥିବେ, ତେଣୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍ କାରଣ ୧୪ ବର୍ଷ ପୂର୍ବରୁ ଆମେ ଏଥିରେ ଟାଇଟଲ ଜିତିଥିଲେ। ସୂତ୍ର ଏହା ମଧ୍ୟ କହିଛି ଯେ କିଛି ଯୁବ ଖେଳାଳିଙ୍କୁ ମଧ୍ୟ ସୁଯୋଗ ଦିଆଯିବା ଆବଶ୍ୟକ।




ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପାଇଁ ଦିନିକିଆ ବିଶ୍ୱକପ ୨୦୨୭ରେ ଖେଳିବା ରାସ୍ତା କଷ୍ଟକର ହୋଇପଡୁଛି। ସେମାନଙ୍କ ଅନୁପସ୍ଥିତିରେ, ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଇଂଲଣ୍ଡରେ ଚମତ୍କାର ପ୍ରଦର୍ଶନ କରି ସିରିଜ ୨-୨ରେ ଡ୍ର କରିଥିଲା ଏବଂ ସମସ୍ତ ପାଞ୍ଚଟି ମ୍ୟାଚ୍‌ରେ କଠିନ ଲଢ଼େଇ କରିଥିଲା। ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ରିଷଭ ପନ୍ତ, ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ, ଆକାଶ ଦୀପ ଇତ୍ୟାଦି ପ୍ରଭାବିତ କରିଥିଲେ। ବିଶ୍ୱକପ ଚକ୍ର ଆରମ୍ଭ ହେବା ପୂର୍ବରୁ, ଖେଳାଳିମାନଙ୍କ ସହିତ ବୃତ୍ତିଗତ ଆଲୋଚନା ହେବ, ଯେଉଁଥିରେ ସେମାନଙ୍କର ମାନସିକ ଏବଂ ଶାରୀରିକ ଅବସ୍ଥାକୁ ଅନୁଧ୍ୟାନ କରାଯିବ। ୨୦୨୪ରେ ଟି୨୦ ବିଶ୍ୱକପ ବିଜୟ ସହିତ, ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଏହି ଫର୍ମାଟରୁ ଅବସର ନେଇଥିଲେ। ଏହା ପରେ ଉଭୟ ଟେଷ୍ଟରେ ଖରାପ ଫର୍ମ ଦେଖାଇଥିଲେ, ଇଂଲଣ୍ଡ ବିପକ୍ଷ ସିରିଜ ପୂର୍ବରୁ ଉଭୟେ ଟେଷ୍ଟ କ୍ରିକେଟକୁ ମଧ୍ୟ ଅଲବିଦା କହିଥିଲେ। ପ୍ରଶଂସକଙ୍କ ମଧ୍ୟରେ ଏହା ମଧ୍ୟ ଆଲୋଚନା ହୋଇଥିଲା ଯେ ସେମାନଙ୍କୁ ଟେଷ୍ଟରୁ ଅବସର ନେବାକୁ ବାଧ୍ୟ କରାଯାଇଥିଲା କି? ଏବେ ପ୍ରଶ୍ନ ହେଉଛି ଯେ ଉଭୟଙ୍କୁ ଧୀରେ ଧୀରେ ଓଡିଆଇ ମଧ୍ୟ ବାଦ୍ ଦିଆଯିବ କି?

## ଜାତୀୟ ଜୁନିୟର ମହିଳା ହକି : ଆନ୍ଧ୍ରକୁ ହରାଇଲା ଓଡ଼ିଶା

**କାକିନାଡ଼ା**



ହକି ଆସୋସିଏସନ ଅଫ୍ ଓଡ଼ିଶା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନସିପ୍‌ର ଡିଭିଜନ 'ଏ'ର ଏକ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି। ହକି ମଧ୍ୟପ୍ରଦେଶ, ହକି ହରିୟାଣା, ହକି ଝାଡ଼ଖଣ୍ଡ ମଧ୍ୟ ସେମାନଙ୍କ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।

ପ୍ରଥମ ଡିଭିଜନରେ ମଧ୍ୟପ୍ରଦେଶ ୫-୦ ଗୋଲ୍‌ରେ ହକି ଚଣ୍ଡିଗଡ଼କୁ ପରାସ୍ତ କରଥିଲା। ସେହିପରି ହକି ହରିୟାଣା ୭-୧ ଗୋଲ୍‌ରେ ହକି ବେଙ୍ଗଲକୁ ପରାସ୍ତ କରିଥିବା ବେଳେ ହକି କର୍ଣ୍ଣାଟକ ବିପକ୍ଷରେ ହକି ଝାଡ଼ଖଣ୍ଡ ୨-୦ ଗୋଲ୍‌ରେ ବିଜୟ ଲାଭ କରିଛି।

ଡିଭିଜନ 'ବି'ରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟରେ ଉତ୍ତରାଖଣ୍ଡ ୧୧-୦ରେ ପୁଡୁଚେରୀକୁ ହରାଇ ଦେଇଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ରେ ଅମୀମାଂସିତ ରହିଥିଲା।

# ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା : ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ରମ୍ଭା ଥାନା ଅଧୀନ ପୂର୍ବତଟ ରେଳପଥ ଉତ୍ତର କେବିନ ନିକଟ ଗୋଲାଗଣ୍ଡିପଲ୍ଲୀ ଗେଟ ପାଖରେ ଘଟିଥିବା ଏକ ନୃଶଂସ ହତ୍ୟାକାଣ୍ଡ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କନକା ପଞ୍ଚାୟତର ଏଚ ବାହାଡ଼ାପଲ୍ଲୀ ଗ୍ରାମର ବି. ଗୁରୁବାରିଆ ପ୍ରଧାନଙ୍କ ପୁଅ ବି. ମନୁ ପ୍ରଧାନଙ୍କୁ ହତ୍ୟା ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚଲାଣ କରିଛି। ସେମାନେ ହେଲେ କେଶବ ପ୍ରଧାନ, ଜୟ ପ୍ରଧାନ ଅଟନ୍ତି। ରମ୍ଭା ପୋଲିସ ଘଟଣା ଅଧିକ ତଦନ୍ତ ଜାରିରଖିଛି। ପୋଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତ ବି. କେଶବ ପ୍ରଧାନ, ଜୟ ପ୍ରଧାନ ଓ ଅନ୍ୟ ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ମନୁଙ୍କୁ ରେଳପଥ ଗେଟ ନିକଟରେ ଜଗି ରହି ଆକ୍ରମଣ କରିଥିଲେ। ମୃତ ମନୁ ବାହାଡା ପଲି ଗ୍ରାମର ସଭାପତି ଥିବାବେଳେ ଜୟ ପ୍ରଧାନଙ୍କୁ ବାସନ୍ଦ କରାଯାଇଥିଲା। ଏହା ସହିତ କେଶବଙ୍କ ଦାଦା ମନୁଙ୍କ ସହିତ ଜମି ଝଗଡ଼ା ବିବାଦ ଥିଲା। ଏହି ସବୁ କାରଣରୁ ଶତ୍ରୁତା ସୃଷ୍ଟି ହୋଇଥିଲା। ଫଳରେ ଅଭିଯୁକ୍ତମାନେ ଖଣ୍ଡା ଓ ଲୁହା ରଡ଼ ଦ୍ୱାରା ମନୁଙ୍କୁ ହତ୍ୟା କରିଥିଲେ। ଜୟ ପ୍ରଧାନ ଘଟଣାସ୍ଥଳକୁ ଯାଇ ଘଟଣାର କିଭଳି ହେବ ତାହାର ଯୋଜନା କରିଥିଲା। ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଅସ୍ତ୍ରଗୁଡ଼ିକୁ ପୋଲିସ ଜବତ କରିଛି।

# ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ୪୦ ଲକ୍ଷ ଠକେଇ : ଟଙ୍କା ମାଗିବାରୁ ତଣ୍ଟି ଚିପି ହତ୍ୟା ଉଦ୍ୟମ, ଜଣେ ଗିରଫ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକର ଏକ ସରକାରୀ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ଧୋକା ଦେଇ ଗିରଫ ହୋଇଛନ୍ତି ଜଣେ ହୋଟେଲ୍ ମାଲିକ। ତ୍ରିଶୂଳିଆରେ ଥିବା 'ରୁଫ୍ ଟପ୍ ଲଣ୍ଡନ' ହୋଟେଲ୍ ମାଲିକ ଏହି ମହିଳାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହିତ ୪୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଟଙ୍କା ମାଗିବାରୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଭଳି ସଙ୍ଗିନ୍ ଅଭିଯୋଗ ମଧୁପାଟଣା ଥାନାରେ ରୁଜୁ ହୋଇଥିଲା। ଏହି ଅଭିଯୋଗ ଆଧାରରେ ହୋଟେଲ୍ ମାଲିକ ଦୀପକ ବାରିକଙ୍କୁ ମଧୁପାଟଣା ଥାନା ପୁଲିସ ବାନ୍ଧିଛି। ସୂଚନା ଅନୁଯାୟୀ, କଟକରେ ଥିବା ଏକ ସରକାରୀ କାର୍ଯ୍ୟାଳୟରେ ଜଣେ ୩୯ ବର୍ଷୀୟା ମହିଳା କାର୍ଯ୍ୟ କରନ୍ତି। ତାଙ୍କ ମୂଳ ଘର କୋରାପୁଟ ଜିଲ୍ଲାରେ ହୋଇଥିବା ବେଳେ ସେ ସିଡିଏ ସେକ୍ଟର-୬ରେ ଘର ଭଡ଼ା ନେଇ ରହୁଥିଲେ। ୨୦୧୯ରେ ମଧୁପାଟଣା ଥାନା ଅନ୍ତର୍ଗତ ସାର୍ତ୍ତୋଳର ଦୀପକ ବାରିକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀପକଙ୍କ ତ୍ରିଶୂଳିଆରେ ଏକ ହୋଟେଲ୍ ରହିଛି। ମହିଳାଙ୍କୁ ବିବାହର ପ୍ରତିଶ୍ରୁତ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା ଦୀପକ। କୌଶଳକ୍ରମେ ଦୀପକ ଏକାଧିକ ପର୍ଯ୍ୟାୟରେ ପୀଡ଼ିତାଙ୍କ ନିକଟରୁ ୪୦ ଲକ୍ଷ ଟଙ୍କା ନେଇଥିଲେ। ପୀଡ଼ିତା ଏହି ଟଙ୍କା ନିଜ ଜମି ବିକ୍ରି କରି ଦେଇଥିଲେ। ଆଉ କିଛି ଟଙ୍କା ବ୍ୟାଙ୍କ ଋଣ କରି ମଧ୍ୟ ଦେଇଥିଲେ। ଟଙ୍କା ନେବା ପରେ ଦୀପକ ଆଉ ଧରାଛୁଆଁ ଦେଇ ନଥିଲା। ପୀଡ଼ିତା ବାରମ୍ବାର ଟଙ୍କା ମାଗିବାରୁ ଦୀପକ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଗଲା ଏକ ମାସ ତଳେ ଯେତେବେଳେ ପୀଡ଼ିତା ଜଣକ ସାର୍ତ୍ତୋଳରେ ଥିବା ଦୀପକର ଘରକୁ ଟଙ୍କା ମାମଲାରେ ଆସିଥିଲେ, ସେତେବେଳେ ଦୀପକ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା। ଏହି ଘଟଣାକୁ ନେଇ ପୀଡ଼ିତାଙ୍କ ପକ୍ଷରୁ ୩ ତାରିଖରେ ଏତଲା ଦିଆଯାଇଥିଲା। ପୁଲିସ ଏହି ଅଭିଯୋଗ ଆଧାରରେ ତଦନ୍ତ ସମୟରେ ପୀଡ଼ିତାଙ୍କ ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ତଥ୍ୟ ଜବତ କରିଛି। ଦୀପକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହେବାର ପ୍ରମାଣ ମିଳିଥିଲା। ତଣ୍ଟି ଚିପି ଦୀପକ ଯେଉଁ ଉଦ୍ୟମ କରିଥିଲା, ସେ ନେଇ ସାର୍ତ୍ତୋଳର କିଛି ଲୋକ ପୁଲିସ ସାମନରେ ବୟାନ ବି ଦେଇଛନ୍ତି। ତ୍ରିଶୂଳିଆରେ ଥିବା 'ରୁଫ୍ ଟପ୍ ଲଣ୍ଡନ' ହୋଟେଲ୍‌ରେ ଚଢ଼ଉ କରି ଆଜି ତାକୁ ଗିରଫ କରାଯାଇଛି। ଅନ୍ୟପଟେ ପୀଡ଼ିତାଙ୍କ କଟକ ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଥିବା ମଧୁପାଟଣା ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଭାରତର ହସ୍ତତନ୍ତ : ଐତିହ୍ୟର ବୟନ, ଭବିଷ୍ୟତର ସଶକ୍ତୀକରଣ



ଶ୍ରୀ ପବିତ୍ର ମାର୍ଘେରିଟା
ବୟନଶିଳ୍ପ ରାଷ୍ଟ୍ର ମନ୍ତ୍ରୀ, ଭାରତ ସରକାର

ପ୍ରତି ବର୍ଷ ଅଗଷ୍ଟ ୭ ତାରିଖ ଦିନଟିକୁ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଇ ଆସୁଛି। କାହାଣୀ ସହିତ କାହାଣୀ ଯୋଡ଼ି ଭାରତର ଅତୀତ ଏବଂ ଭବିଷ୍ୟତକୁ ଏକତାର ସୂତ୍ରରେ ଯୋଡ଼ିବା ହେଉଛି ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ୧୯୦୫ ମସିହା ଆଜିର ଦିନରେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ଯେତେବେଳେ ଅରଟରେ ପ୍ରସ୍ତୁତ ସୂତାରୁ କେବଳ ଲୁଗା ପ୍ରସ୍ତୁତ କରାଯାଇ ନଥିଲା, ଅପର ପକ୍ଷେ ଏହା ଦେଶବାସୀଙ୍କ ପ୍ରତିବାଦର ସ୍ୱର, ଆତ୍ମ ନିର୍ଭରଶୀଳତା ଏବଂ ସାଂସ୍କୃତିକ ପରିଚୟ ଓ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରତୀକ ସାଜିଥିଲା। ଯାହା ଏକ ସ୍ୱଚ୍ଛ ସ୍ଲେଟ୍‌କୁ ଐତିହ୍ୟ, କଳା ଏବଂ ଗୋଷ୍ଠୀର ମନୋଭାବକୁ ପରିପ୍ରକାଶ କରିବାର ପ୍ରତୀକ ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇଛି।

ଆଜି ହସ୍ତତନ୍ତ କ୍ଷେତ୍ର ଏବଂ ତତ୍‌ସଂକ୍ରାନ୍ତ ଅନ୍ୟାନ୍ୟ କ୍ଷେତ୍ର ଦେଶର ୩୫ ଲକ୍ଷ ବୁଣାକାରଙ୍କୁ ସହାୟତା ପ୍ରଦାନ କରୁଛି ଏବଂ ସେମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ହେଉଛନ୍ତି କେବଳ ମହିଳା। ସେମାନେ ସଭିଏଁ ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧ ସହରାଞ୍ଚଳର ଅଧିବାସୀ। ଏହାର ଉଦ୍ଭବ୍ୟତା ନିମନ୍ତେ ଏହି କ୍ଷେତ୍ର ବର୍ତ୍ତମାନ କୌଣସି ପ୍ରକାର ମିଶ୍ରଣ ବିନା ସବୁଠାରୁ ଚାହିଦାର କ୍ଷେତ୍ରରେ ପରିଣତ ହୋଇଛି ଏବଂ ଏହାକୁ ପ୍ରଯୁକ୍ତି ମଧ୍ୟ ପୋଛିପାରିନାହିଁ ଏବଂ ଆଧୁନିକତା ସତ୍ତ୍ୱେ ଏହା ଗୌଣ ହୋଇଯାଇନାହିଁ।

**ଏକ ସହନଶୀଳ ଐତିହ୍ୟ :** ଭାରତରେ ହସ୍ତତନ୍ତ ବୁଣାର ଯେଉଁ ଉନ୍ନତ ଐତିହ୍ୟ ରହିଛି ତାହା ହରପ୍ପା ଏବଂ ମହେଞ୍ଜୋଦାରୋ ସଭ୍ୟତା ଦିନର ପ୍ରାଚୀନ। ଦୀର୍ଘ ଏକ ହଜାରରୁ ଅଧିକ ବର୍ଷ ପରେ ସୁଦ୍ଧା ଏହି କଳା ଦେଶର ପ୍ରତ୍ୟେକ କ୍ଷେତ୍ରରେ ସମାନ ଭାବରେ ପ୍ରସାର ଲାଭ କରିଛି ଏବଂ ବୟନର ବ୍ୟାକରଣ, ଏହାର ପ୍ରଯୁକ୍ତିର ସ୍ୱାକ୍ଷର, ଚିତ୍ର ଏବଂ ଅର୍ଥକୁ କାଏମ ରଖିଆସିଛି। ଆସାମର ମୁଗା ସିଲ୍କର ସ୍ୱର୍ଣ୍ଣିମ ଚମକ ଠାରୁ ଆରମ୍ଭ କରି, ପ୍ରସିଦ୍ଧ ବନାରସୀ ସିଲ୍କ ଶାଢ଼ି ପର୍ଯ୍ୟନ୍ତ, କାଶ୍ମୀର ପଶ୍ମିନା ଠାରୁ ନେଇ ତାମିଲନାଡୁର ଚକମକ କାଞ୍ଜିବରମ୍ ଶାଢ଼ି ଯାଏଁ, ଭାରତର ହସ୍ତତନ୍ତ ପରମ୍ପରା ଦେଶର ବିବିଧ ଲୋକଙ୍କ ଭିନ୍ନ ଭିନ୍ନ ପରମ୍ପରାକୁ ପରିପ୍ରକାଶ କରିଆସୁଛି।

ପ୍ରତ୍ୟେକ ବୁଣାକାରଙ୍କ ଘରେ ଯେଉଁଠାରେ କି ସାଧାରଣତଃ ତନ୍ତ ଦେଖିବାକୁ ମିଳେ ତାହା ମୁଖ୍ୟତଃ ରୋଷେଇ ଘର ପାଖ 'ଅଗଣା'ରେ ହିଁ ରହିଥାଏ। ପ୍ରତ୍ୟେକ ଶାଢ଼ି କିମ୍ବା ଶାଲ ଯାହାକି ପ୍ରସ୍ତୁତ କରାଯାଏ ତାହା ପଛରେ କିଛି ନା କିଛି ସୁନ୍ଦର କାହାଣୀଟିଏ ରହିଛି। ଏଥିରେ ସର୍ବନିମ୍ନ ପ୍ରଯୁକ୍ତିର ଉପଯୋଗ କରିବାକୁ ପଡ଼ିଥାଏ, କିନ୍ତୁ ସର୍ବାଧିକ ସୃଜନଶୀଳତାର ସହିତ ଏହା ପ୍ରସ୍ତୁତ କରାଯାଇଥାଏ ଏବଂ ଏହା ଭାରତୀୟ ପରିପାଟିର ଧାରାକୁ ଏପରି ଭାବରେ ପ୍ରକଟ କରେ, ଯାହା କ୍ଷେତ୍ରୀୟ ବୈଶିଷ୍ଟ୍ୟକୁ କାନ୍‌ଭାସ୍ ଭଳି ପ୍ରଦର୍ଶନ କରିଥାଏ। ଏଥି ସହିତ ବିଭିନ୍ନ ରୀତିନୀତି ଏବଂ କଥନିକା ମଧ୍ୟ ଏହା ପଛରେ ଥାଏ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଉଦ୍ଧାର କରି କୁହାଯାଇପାରେ – 'ଭାରତର ବିବିଧତା ଏବଂ ଅସଂଖ୍ୟ ବୁଣାକାର ଓ କଳାକାରଙ୍କ ଶ୍ରମର ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀ ହେଉଛି ପ୍ରତୀକ।'

**ଉତ୍ତର ପୂର୍ବାଞ୍ଚଳ-ସୁଯୋଗର ଏକ ତନ୍ତ :** ଭାରତର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରରେ ଦେଶର ମୋଟ ହସ୍ତତନ୍ତ କାରିଗରମାନଙ୍କ ମଧ୍ୟରୁ ପ୍ରାୟ ୫୨ ପ୍ରତିଶତ ଲୋକ ବସବାସ କରନ୍ତି ଏବଂ ଆସାମ ଏହି ଦୃଷ୍ଟିରୁ ରାଷ୍ଟ୍ରର ନେତୃତ୍ୱ ନେଇଥାଏ ଯେଉଁଠାରେ ପ୍ରାୟ ୧୨.୮୩ ଲକ୍ଷ ବୁଣାକାର ଅଛନ୍ତି ଏବଂ ୨୦୧୯-୨୦ ଜାତୀୟ ହସ୍ତତନ୍ତ ଜନଗଣନା ଅନୁସାରେ ଏଠାରେ ପ୍ରାୟ ୧୨.୪୬ ଲକ୍ଷ ତନ୍ତ ରହିଛି। ସୁଆଲକୁଚି, ଯାହାକି 'ଆସାମର ମାଞ୍ଚେଷ୍ଟର' ଭାବରେ ସୁପରିଚିତ, ସେଠାରେ ପାରମ୍ପରିକ ବୟନର ଉତ୍କର୍ଷ ରହିଥିବା ପ୍ରମାଣିତ ହୁଏ, ଯଦ୍ୟପି ବିକଶିତ ପେଣ୍ଟ ଯଥା ଢେମାଜୀ ଜିଲ୍ଲାର ମାଛଖୋୱା ଏହି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଯୋଗାଇଥାଏ।

ସାଂସ୍କୃତିକ ମହତ୍ତ୍ୱକୁ ସ୍ୱୀକାର ପୂର୍ବକ, ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ନିମନ୍ତେ ସରକାରଙ୍କ ସମର୍ପିତ ମିଶନ ଜନଜାତିଙ୍କ ତନ୍ତବୁଣାକୁ ପ୍ରୋତ୍ସାହନ ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରେ। ଏହା ହସ୍ତତନ୍ତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଏ ଏବଂ ଉତ୍ପାଦିତ ସାମଗ୍ରୀର ରପ୍ତାନୀ ଏବଂ ଯୁବକମାନଙ୍କୁ ତାଲିମ ପ୍ରଦାନ ଉପରେ ମଧ୍ୟ ପ୍ରାଧାନ୍ୟ ଦିଏ। ଏହି କ୍ଷେତ୍ର ବୈଶ୍ୱିକ ଡିଜାଇନ୍ ହବ୍ ଭାବରେ ସୁଦୃଢ଼ ଭାବରେ ଅବସ୍ଥାପିତ, କାରଣ ଏଠାରେ ପ୍ରାକୃତିକ ସୂତା, ପ୍ରାଚୀନ ପରମ୍ପରା ଏବଂ ଆଧୁନିକ ଉଦ୍ୟୋଗର ଅପୂର୍ବ ସମନ୍ୱୟ ଘଟିଛି। ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ.ଏଚ.ଡି.ପି.) ଅଧୀନରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ମୋଟ ୧୨୩ ଗୋଟି କ୍ଷୁଦ୍ର କ୍ଲଷ୍ଟରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ଆସୁଛି। ଏଥି ନିମନ୍ତେ ଶିବସାଗର ଜିଲ୍ଲାରେ ଏକ ମେଗା ହସ୍ତତନ୍ତ କ୍ଲଷ୍ଟର ସ୍ଥାପନ କରାଯାଇଛି ଏବଂ ଏଭଳି ଦୁଇଟି ପ୍ରକଳ୍ପ ଏବେ ଇମ୍ଫାଲ ଇଷ୍ଟ ଏବଂ ସୁଆଲକୁଚିଠାରେ ମଧ୍ୟ ବିକାଶ ଘଟାଯାଉଛି। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପି.ଏମ.ଜେ.ଜେ.ବି.ୱାଇ.) ଅଧୀନରେ ସାର୍ବଜନୀନ ଏବଂ ସହଜ ସାମାଜିକ ନିରାପତ୍ତା ସକାଶେ ଏଥିରେ ପ୍ରାୟ ୩.୦୮ ଲକ୍ଷ ବୁଣାକାର ନାମ ପଞ୍ଜୀକରଣ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପି.ଏମ.ଏସ.ବି.ୱାଇ) ଅଧୀନରେ ଏହି କ୍ଷେତର ବୁଣାକାରମାନେ ମଧ୍ୟ ସାମିଲ ଅଛନ୍ତି। କେବଳ ଆସାମର ପ୍ରାୟ ୧.୦୯ ଲକ୍ଷ ବୁଣାକାର ଏଥିରେ ଅନ୍ତର୍ଭୁକ୍ତ।

**ପୁନରୁତ୍ଥାନରୁ ପୁନର୍ଜାଗରଣ :** ଗତ ୧୧ ବର୍ଷ ମଧ୍ୟରେ, ଭାରତ ହସ୍ତତନ୍ତ କ୍ଷେତ୍ରରେ ବ୍ୟାପକ ପୁନରୁତ୍ଥାନ ଘଟିଥିବା ଲକ୍ଷ୍ୟ କରିଛି। କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ଭାବରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଫଳରେ ଏହା ସମ୍ଭବପର ହୋଇପାରିଛି। ଏଥିରେ କ୍ଲଷ୍ଟର ବିକାଶ ଉପକ୍ରମ, ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଏବଂ ଋଣ ଯୋଗାଣ ସୁବିଧା ବୟନଶିଳ୍ପ କ୍ଷେତ୍ରକୁ ଏକ ଘରୋଇ କାର୍ଯ୍ୟରୁ ଅଣୁ ଉଦ୍ୟୋଗ ପର୍ଯ୍ୟାୟକୁ ଉନ୍ନୀତ କରିଛି।

ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ.ଏଚ.ଡି.ପି.) ଏବଂ କଞ୍ଚାମାଲ ଯୋଗାଣ ଯୋଜନା (ଆର.ଏମ.ଏସ.ଏସ.) ମୂଳରୁ ଶେଷ ପର୍ଯ୍ୟନ୍ତ ସବୁ ସ୍ତରରେ ସକଳ ପ୍ରକାର ସହାୟତା ଯୋଗାଇ ଦେଉଛି। ତାହା ସୂତା ଯୋଗାଣ ଠାରୁ ତନ୍ତର ଉନ୍ନତିକରଣ, ବୁଣାକାରମାନଙ୍କ ପାଇଁ ଘର ନିର୍ମାଣ ଠାରୁ ଆରମ୍ଭ କରି ଆଧୁନିକ ସଂସାଧନ ପର୍ଯ୍ୟନ୍ତ ବ୍ୟାପ୍ତ। ପି.ଏମ.ଜେ.ଜେ.ବି.ୱାଇ. ଏବଂ ପି.ଏମ.ଏସ.ବି.ୱାଇ. ଭଳି ଯୋଜନା ଏହି କ୍ଷେତ୍ରରେ କାର୍ଯ୍ୟରତ ବୁଣାକାରମାନଙ୍କୁ ସେମାନଙ୍କ ପାଇଁ ସବୁଠାରୁ ଜରୁରୀ ଥିବା ଆର୍ଥିକ ତଥା ସାମାଜିକ ନିରାପତ୍ତା ସୁବିଧା ଯୋଗାଇ ଦେଉଛି। ରିହାତି ମୂଲ୍ୟରେ ଋଣ ଯୋଗାଣ ମଧ୍ୟ ବୁଣାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ମୁଦ୍ରା ଯୋଜନା ଏବଂ ମାର୍ଜିନ ଅର୍ଥ ସହାୟତା ସେମାନଙ୍କ ନିମନ୍ତେ କାର୍ଯ୍ୟକାରୀ ପୁଞ୍ଜି ଯୋଗାଣର ମାତ୍ରାକୁ ବୃଦ୍ଧି କରିଛି। ଅଧିକ ମୂଲ୍ୟକୁ ହ୍ରାସ କରିବା ସକାଶେ ଏବଂ ବୁଣାକାର ତଥା ଉଦ୍ୟୋଗୀମାନଙ୍କ ଉତ୍ପାଦନ ବୃଦ୍ଧି ନିମନ୍ତେ ହସ୍ତତନ୍ତ ପାର୍କମାନ ଗଠନ ନିମନ୍ତେ ଯୋଜନା କରାଯାଇଛି ଏବଂ ସେସବୁ ଅଧିକ ସାମର୍ଥ୍ୟ ଥିବା କ୍ଷେତ୍ରରେ ସ୍ଥାପନ କରାଯାଇଛି। ଏଭଳି ସମନ୍ୱିତ ସ୍ଥାନ ରଙ୍ଗଦିଆ ୟୁନିଟ୍ ଠାରୁ ପ୍ଲଗ୍ ଏଣ୍ଡ ପ୍ଲେ କର୍ମଶାଳା, ଡିଜିଟାଲ ଲାବ୍, ପ୍ରଦର୍ଶନୀ ଗୃହ ଏବଂ ପୋଷଣୀୟ ସଂସାଧନ ଯଥା ସୌର ଶକ୍ତି ଉତ୍ପାଦନ କେନ୍ଦ୍ର ଓ ବର୍ଜ୍ୟ ପରିଚାଳନା ଭଳି ବ୍ୟବସ୍ଥା କରିଛି।

ସେହିଭଳି ଡିଜାଇନ୍ ଏବଂ ନବାଚାର ହବମାନ ମଧ୍ୟ କ୍ଷେତ୍ରୀୟ ଆଧାରରେ ସ୍ଥାପନ କରାଯାଉଛି ଏବଂ ଏଥିପାଇଁ ଏନ.ଆଇ.ଏଫ.ଟି, ଏନ.ଆଇ.ଡି. ତଥା ଅନ୍ୟାନ୍ୟ ଡିଜାଇନ୍ ପ୍ରତିଷ୍ଠାନମାନଙ୍କ ସହ ସହଭାଗୀତା କରାଯାଇଛି। ସେହିଭଳି ଡିଜାଇନର ଏବଂ ବୁଣାକାରମାନେ ସହଯୋଗର ସହିତ ସୃଜନ, ସଂରକ୍ଷଣ ଏବଂ ତନ୍ତବୁଣା କାର୍ଯ୍ୟର ପାରମ୍ପରିକ ନିର୍ଯ୍ୟାସକୁ ନଥିକରଣ କରୁଛନ୍ତି। ସେହିଭଳି ସାଂସ୍କୃତିକ ଡିଜାଇନକୁ ଅନଲାଇନରେ ସଂରକ୍ଷଣ ମଧ୍ୟ କରାଯାଉଛି। ଏହିସବୁ ହସ୍ତକ୍ଷେପ ଭାରତୀୟ ହସ୍ତତନ୍ତ ନିମନ୍ତେ ଉଭୟ ନାନ୍ଦନିକ ତଥା ବ୍ୟବସାୟିକ ବୈଶ୍ୱିକ ମାତ୍ରାର ଆବେଦନ ସୃଷ୍ଟି କରିପାରିଛି।

ଆବଶ୍ୟକତା ଏବଂ ଉପକାରୀତା ଦୃଷ୍ଟିରୁ ପ୍ରଯୁକ୍ତିକୁ ଆପଣାଇବା ବର୍ତ୍ତମାନ ଏକାନ୍ତ ଜରୁରି ହୋଇପଡ଼ିଛି, କିନ୍ତୁ ହସ୍ତତନ୍ତର ଆତ୍ମାକୁ ମଧ୍ୟ ଅତୁଟ ଓ ଅକ୍ଷତ ରଖାଯିବା ଜରୁରି। କୃତ୍ରିମ ପ୍ରଜ୍ଞା (ଏ.ଆଇ.) ବର୍ତ୍ତମାନ ପୂର୍ବାନୁମାନ ଧାରା ତଥା ଡିଜିଟାଲ ରଙ୍ଗ ଚୟନ ନିମନ୍ତେ ବ୍ୟବହାର କରାଯାଉଛି, ଯଦ୍ୟପି ବ୍ଲକଚେନ୍ ଉତ୍ପାଦିକା ରେଖାକୁ ସୁନିଶ୍ଚିତ କରିଛି ତଥା ନକଲି ଉତ୍ପାଦ ସହିତ ସଫଳତାର ସହିତ ଯୁଝିପାରୁଛି ଯାହାକି ଏହି କ୍ଷେତ୍ରକୁ ନୂତନ ଡିଜିଟାଲ ଯୁଗର ଦାୟିତ୍ୱପୂର୍ଣ୍ଣ କ୍ଷେତ୍ରରେ ପରିଣତ କରିଛି।

**ସଂଯୋଗର ପୁନର୍ଚିନ୍ତନ :** ଇ-କମର୍ସ ଏବଂ ବଜାର ପ୍ରବେଶ

ବଜାରଣ ଏବଂ ଇ-କମର୍ସ ଏହି କ୍ଷେତ୍ର ପାଇଁ ଏବେ ପଟ୍ଟ ପରିବର୍ତ୍ତନକାରୀ ସାଧନ ସାଜିଛି। ଏହି ରଣନୀତି ବେଶ୍ ସରଳ କିନ୍ତୁ ଏହାର ବୈପ୍ଳବିକ ପ୍ରଭାବ ରହିଛି ଏବଂ ଏହା ମଧ୍ୟସ୍ଥମାନଙ୍କ ବାଟମାରଣାକୁ ଦୂର କରିବା ସହିତ ଦୃଶ୍ୟମାନତା ମାଧ୍ୟମରେ ପ୍ରୋତ୍ସାହନକୁ ବୃଦ୍ଧି କରିବା ଏବଂ ବୁଣାକାରମାନଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ଲାଟଫର୍ମ ସହିତ ସଂଯୋଗ କରିବ। ସେମାନେ ପ୍ରଦର୍ଶନୀ ଠାରୁ ବଜାର ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବେ। ଏହି ଧାରାରେ, ହସ୍ତତନ୍ତ ବୁଣାକାରମାନେ ସରକାରଙ୍କ ଦ୍ୱାରା ପରିଚାଳିତ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ.)ରେ ସାମିଲ ହୋଇଛନ୍ତି ଏବଂ ଇଣ୍ଡିଆ ହ୍ୟାଣ୍ଡମେଡ୍ ଡଟ୍ କମ୍ ସହିତ ମଧ୍ୟ ହାତ ମିଳାଇଛନ୍ତି ଯାହା ସେମାନଙ୍କ ପରିବହନ, ଶୂନ୍ୟ କମିଶନ ପ୍ଲାଟଫର୍ମ ଯୋଗାଇବା ସହିତ ଉତ୍ତମ ମୂଲ୍ୟ, ମାଗଣା ପରିବହନ, ସହଜ ଲାଭ ଏବଂ ପେମେଣ୍ଟ ବ୍ୟବସ୍ଥାକୁ ମଧ୍ୟ ସୁରକ୍ଷିତ କରିଛି।

ଏହିସବୁ ପ୍ରୟାସ ସହିତ, ୧୦୬ଗୋଟି ହସ୍ତତନ୍ତ ଉତ୍ପାଦକୁ ଏବେ ଭୌଗୋଳିକ ସୂଚକ (ଜି.ଆଇ.) ଟ୍ୟାଗ୍ ମଞ୍ଜୁର କରାଯାଇଛି ଯାହାକି ସେମାନଙ୍କ ବିଶେଷ କ୍ଷେତ୍ରୀୟ ଐତିହ୍ୟ ଏବଂ କୁଶଳ କାରୀଗରୀକୁ ପ୍ରଦର୍ଶିତ କରୁଛି। 'ହ୍ୟାଣ୍ଡଲୁମ୍ ମାର୍କ' ଏବଂ 'ଇଣ୍ଡିଆ ହ୍ୟାଣ୍ଡଲୁମ ବ୍ରାଣ୍ଡ' ସହିତ ଏହିସବୁ ବ୍ୟବସ୍ଥା ହସ୍ତତନ୍ତ ପ୍ରସ୍ତୁତ ଉତ୍ପାଦର ବିଶେଷତାକୁ ସୁଦୃଢ଼ କରିଛି ଏବଂ କ୍ରେତାମାନେ ଏହିସବୁ ଉତ୍ପାଦର ସ୍ୱାତନ୍ତ୍ର୍ୟ, ଗୁଣାତ୍ମକ ମାନ ଏବଂ ପରିବେଶ ଅନୁକୂଳ ସ୍ୱଭାବକୁ ମଧ୍ୟ ଉତ୍ତମ ରୂପେ ଚିହ୍ନି ପାରିଛନ୍ତି।

**କୌଶଳ, ନିରାପତ୍ତା ଏବଂ ପୋଷଣୀୟତା :** ଆସନ୍ତାକାଲି ସଦାବେଳେ ସମାବେଶୀ ଦକ୍ଷତା ନିର୍ମାଣ ଉପରେ ନିର୍ଭରଶୀଳ। ଯୁବଗୋଷ୍ଠୀଙ୍କ ନିମନ୍ତେ କୌଶଳ ବିକାଶ କାର୍ଯ୍ୟକ୍ରମ, ବିଶେଷ କରି ପାରମ୍ପରିକ ପ୍ରଯୁକ୍ତିର ସଂରକ୍ଷଣକୁ ଆର୍ଥିକ ଓ ସାମାଜିକ ନିରାପତ୍ତା ଯୋଜନା ସହିତ ସଂଯୋଗ କରାଯାଇଛି – ସେଥିରେ ସ୍ୱାସ୍ଥ୍ୟ ବୀମା, ଶୈକ୍ଷିକ ବୃତ୍ତି ଏବଂ ବୁଣାକାରମାନଙ୍କ ନିମନ୍ତେ ପେନସନ ସୁବିଧା ଆଦି ସାମିଲ।

ଅନୁରୂପ ଭାବରେ, ପରିବେଶ ଅନୁକୂଳ ରଙ୍ଗ, କାର୍ବନ-ମୁକ୍ତ ଉତ୍ପାଦନ ମଡ଼େଲ ଏବଂ ଜୀବନଚକ୍ର ଆକଳନ ଏହି କ୍ଷେତ୍ରର ପୋଷଣୀୟତାକୁ ସୁଦୃଢ଼ କରୁଛି ଏବଂ ଭାରତୀୟ ହସ୍ତତନ୍ତ କ୍ଷେତ୍ରକୁ ବୈଶ୍ୱିକ ସବୁଜ ଆନ୍ଦୋଳନ ସହିତ ମଧ୍ୟ ସଂଯୋଗ କରୁଛି। ଆଇ.ଆଇ.ଟି ଦିଲ୍ଲୀର ସହଯୋଗରେ ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ଭାରତୀୟ ହସ୍ତତନ୍ତ କ୍ଷେତ୍ରର କାର୍ବନ ଫୁଟପ୍ରିଣ୍ଟ ଆକଳନ: ପଦ୍ଧତି ଏବଂ କେସ୍ ଷ୍ଟଡି' ଶୀର୍ଷକ ନୂତନ ରିପୋର୍ଟ ଏକ ପ୍ରମାଣନ ପୁସ୍ତକ ତଥା ଗାଇଡବୁକ୍ ଭାବରେ କାର୍ଯ୍ୟ କରୁଛି ଏବଂ ଏହା ଭାରତର ଅଧିକ ପୋଷଣୀୟ ପରିକଳ୍ପନାକୁ ମଧ୍ୟ ଦର୍ଶାଉଛି। ପାରିବେଶିକ ସଚେତନତାକୁ ଏହା ସହିତ ସଂଯୋଗ କରି ପାରମ୍ପରିକ ହସ୍ତତନ୍ତ ବୃତ୍ତି କ୍ଷେତ୍ରରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଅଧ୍ୟୟନ ଦେଶର ପୋଷଣୀୟ ବିକାଶ ଲକ୍ଷ୍ୟ (ଏସ.ଡି.ଜି.) ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ପ୍ରଦର୍ଶିତ କରୁଛି। ଏହା ମଧ୍ୟ ହସ୍ତତନ୍ତ ମୂଲ୍ୟ ଶୃଙ୍ଖଳକୁ କେବଳ ଜଳବାୟୁ ସହନଶୀଳ ନୁହେଁ ଅପରନ୍ତୁ ଏହାର ଔଚିତ୍ୟ ଉତ୍ପାଦନ, ସମାନ ପରିମାଣର ମଜୁରି ଏବଂ ମର୍ଯ୍ୟାଦାଯୁକ୍ତ ଜୀବନଧାରଣ ପାଇଁ ସୁଯୋଗ ପ୍ରଦାନ କରୁଛି।

**ଆଗାମୀ ଦିନର କାର୍ଯ୍ୟପନ୍ଥା : ପୋଷଣୀୟତା, ସମର୍ଥନ ଏବଂ ମାତ୍ରା**

ଭାରତର ପରିକଳ୍ପନାରେ ହସ୍ତତନ୍ତ କ୍ଷେତ୍ର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, କୃତ୍ରିମ ପ୍ରଜ୍ଞାର ଅଂଶବିଶେଷ ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ମାନବୀୟ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ମଧ୍ୟରେ ରପ୍ତାନୀ ବୃଦ୍ଧି, ନୂତନ କର୍ମନିଯୁକ୍ତି ସୃଷ୍ଟି ଏବଂ ସମସ୍ତ କ୍ଲଷ୍ଟରରେ ବୁଣାକାର ମାନଙ୍କୁ ଡିଜିଟାଲ ସାକ୍ଷରତା ତାଲିମ ଯୋଗାଣ ଆଦି ସାମିଲ। ତେଣୁ ଏହାର ଭବିଷ୍ୟତ ମୁଖ୍ୟତଃ ତିନିଗୋଟି ସ୍ତମ୍ଭ ଉପରେ ଆଧାରିତ। ସେଗୁଡ଼ିକ ହେଲା ଆତ୍ମାର ପୋଷଣୀୟତା, ପ୍ରସ୍ତୁତକର୍ତ୍ତାଙ୍କୁ ସମର୍ଥନ ଯୋଗାଣ ଏବଂ ମାତ୍ରା ପର୍ଯ୍ୟନ୍ତ ପହଞ୍ଚ।

ମଜୁରି ଶ୍ରମର ଆଗକୁ ଅଗ୍ରସର ହୋଇ, ଏହି କ୍ଷେତ୍ର ବର୍ତ୍ତମାନ ଫେଲୋସିପ୍, ଷ୍ଟାର୍ଟ ଅପ୍ ଗ୍ରାଣ୍ଟ ଏବଂ ଇନକୁବେସନ ହବ୍, ବିଶେଷ କରି ଯୁବଗୋଷ୍ଠୀ ଓ ମହିଳା ନେତୃତ୍ୱଙ୍କୁ ପ୍ରୋତ୍ସାହନ ଯୋଗାଉଛି। ଏଥି ସହିତ ବ୍ରାଣ୍ଡିଂ, ମେଣ୍ଟରସିପ୍ ଏବଂ ବ୍ୟବସାୟ ବିକାଶ ଜନିତ ସମର୍ଥନ ମଧ୍ୟ ମାଲିକାନା ଆଧାରିତ ଉଦ୍ୟୋଗୀଙ୍କୁ ସହାୟତା କରିବ ଏବଂ ସେମାନେ ଉଭୟେ ସାଂସ୍କୃତିକ ଦୃଷ୍ଟିରୁ ଉନ୍ନତ ଏବଂ ବ୍ୟବସାୟିକ ଦୃଷ୍ଟିରୁ ସମ୍ଭାବ୍ୟ ଉତ୍ପାଦ ପ୍ରସ୍ତୁତ କରିପାରିବେ।

**ଭାରତର ହସ୍ତତନ୍ତ କ୍ଷେତ୍ର ସଦାବେଳେ ପ୍ରଗତିଶୀଳ :** ହସ୍ତତନ୍ତ କ୍ଷେତ୍ର ବିକଶିତ ଭାରତ ୨୦୪୭ ଯାତ୍ରାର ଏକ ମୁଖ୍ୟ ବାହକ ଯଦ୍ୟପି ଦେଶର ଏଭଳି ସାଂସ୍କୃତିକ ଭାବଧାରାକୁ ସଂରକ୍ଷିତ ରଖିବା ପାଇଁ ମଧ୍ୟ ପୋଷଣୀୟତା ଏବଂ ସୁଚିନ୍ତିତ ଉପଯୋଗ ଉପରେ ପ୍ରାଧାନ୍ୟ ଆରୋପ କରାଯାଉଛି। ପ୍ରତିବାଦର ଏକ ସାଧନ ଭାବରେ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ନବାଚାରର ଆଲୋକବର୍ତ୍ତିକା ଭାବେ ହସ୍ତତନ୍ତ କ୍ଷେତ୍ରକୁ ଏକ ଶାଶ୍ୱତ ମହତ୍ତ୍ୱ ଭାବରେ ଉପସ୍ଥାପିତ କରିଛି ଯାହା ଅନନ୍ତ କାଳ ପାଇଁ ତା'ର ପଦଚିହ୍ନ ଆଗାମୀ ଦିନରେ ପ୍ରଦର୍ଶନ କରିବ। ତେଣୁ ଐତିହ୍ୟ, ନବାଚାର ଏବଂ ସାମୂହିକ ପ୍ରୟାସକୁ ଏକତ୍ର ବୁଣି ଭାରତର ହସ୍ତତନ୍ତ କ୍ଷେତ୍ର ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ପ୍ରେରଣାର ଏକ ଉତ୍ସ ପାଲଟିଛି ଏବଂ ଦେଶର କୋଟି କୋଟି ପରିବାରକୁ ସଶକ୍ତ କରିପାରିଛି। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁସାରେ – 'ଆସନ୍ତୁ, ସଭିଏଁ ମିଶି ହସ୍ତତନ୍ତକୁ ଆମର ଦୈନନ୍ଦିନ ଜୀବନର ଏକ ଅଂଶବିଶେଷରେ ପରିଣତ କରିବା ଏବଂ ଆମର ପାରମ୍ପରିକ ହସ୍ତତନ୍ତ ଉତ୍ପାଦକୁ ଆମର ମର୍ଯ୍ୟାଦାର ଏକ ପ୍ରତୀକରେ ପରିଣତ କରିବା'।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୭ ଅଗଷ୍ଟ ୨୦୨୫ ଗୁରୁବାର





# ଓଏସଇଏଫଡ଼ି ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଶାର ବାଚସ୍ପତିଙ୍କୁ ସାକ୍ଷାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଧବାର ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ଓଏସଇଏଫଡ଼ି ନୟାଗଡ଼ ଜିଲ୍ଲା ଶାଖାର ସଭାପତି ତୃପ୍ତିମୟୀ ପ୍ରଧାନ,ସମ୍ପାଦିକା ଶୁଭସ୍ମିତା ମିଶ୍ର, ରାଜ୍ୟ କୋଷାଧ୍ୟକ୍ଷ ଅଭିଷେକ ଆଚାର୍ଯ୍ୟ, କାର୍ଯ୍ୟକାରିଣୀ ସଦସ୍ୟ ହିତେଶ କୁମାର ମହନ୍ତ ପ୍ରମୁଖ ବାଚସ୍ପତିଙ୍କ ବାସଭବନରେ ସାକ୍ଷାତ କରି ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା କରିବା ସହ ଅଧିକ ପୋଷ୍ଟ ଓ ସ୍ଥାୟୀ ନିଯୁକ୍ତି ନିମନ୍ତେ ବିଶଦ ଆଲୋଚନା କରିଥିଲେ। ସୂଚନାଥାଉକି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ,



ପ୍ରତ୍ୟେକ କ୍ଲଷ୍ଟରରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବେ,୨୦୨୫-୨୦୨୭ ଶିକ୍ଷାବର୍ଷ ମଧ୍ୟରେ ୪୧୬୦ ପୋଷ୍ଟ ନିଯୁକ୍ତି ଦିଆଯିବା। କିନ୍ତୁ ସୁପ୍ରିମକୋର୍ଟଙ୍କ ସାରଣୀ ଅନୁସାରେ ଓଡିଶାକୁ ପ୍ରାରମ୍ଭିକ ସ୍ତରରେ ୧୨୨୬୮ ସ୍ଥାୟୀ ପଦବୀର ଆବଶ୍ୟକତା ଅଛି । ସଂଘର ଦାବି ରହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏକାକାଳୀନ ସମସ୍ତ ପଦ ପୂରଣ କରାଗଲେ ନୟାଗଡ଼ ଜିଲ୍ଲା ତଥା ଓଡିଶାର ସମସ୍ତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଉତ୍ତମ ଶିକ୍ଷା ପାଇପାରିବେ। ଏହାକୁ ମାନନୀୟା ବାଚସ୍ପତି ଶ୍ରୀମତୀ ପାଢ଼ୀ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିବା ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଗୃହନିର୍ମାଣ ସଚିବଙ୍କ ସହ ଏଡିବି କଂଟ୍ରି ନିର୍ଦ୍ଦେଶକଙ୍କ ସାକ୍ଷାତ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ର କଣ୍ଟ୍ରି ନିର୍ଦ୍ଦେଶକ ମିସ୍ ଏମଆଇଓ ଓକା ବୁଧବାର ଖାରବେଳଭବନ ଠାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି ।

ସହରାଞ୍ଚଳ ପରିବର୍ତ୍ତନର ପ୍ରମୁଖ କ୍ଷେତ୍ରରେ ଏଡିବି ଏବଂ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମଧ୍ୟରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାୟୀ ସହର ଅଭିବୃଦ୍ଧିକୁ ସହାୟତା କରିବା ଏବଂ ଓଡ଼ିଶାର ସହରଗୁଡ଼ିକର ଜୀବନଧାରଣ କ୍ଷମତା ବୃଦ୍ଧି ପାଇଁ ଏକ ବ୍ୟାପକ ସହରାଂଚଳ ପରିବହନ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ ଠାରୁ ସହରାଂଚଳ ଚ୍ୟାଲେଞ୍ଜ ପାଣ୍ଠି ପାଇବାରେ ବିଭାଗକୁ ସହାୟତା କରିବା ଏବଂ ଓଡ଼ିଶାର ବିକଶିତ ସହରାଂଚଳ ଆବଶ୍ୟକତା ପାଇଁ ବୈଷୟିକ ସହାୟତା ଏବଂ ଜ୍ଞାନ ସହାୟତା ପ୍ରଦାନ କରିବାକୁ ଏଡିବି ଇଚ୍ଛା ପ୍ରକାଶ କରିଛି ।

ଭବିଷ୍ୟତରେ ସହରାଂଚଳ ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟର ସହରାଂଚଳରେ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ସମନ୍ୱିତ ଯୋଜନା, ଅଭିନବ ଅର୍ଥ ଯୋଗାଣ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ।ଏହି ବୈଠକ ଓଡ଼ିଶାରେ ସମାବେଶୀ, ନମନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରାଞ୍ଚଳ ବିକାଶ ପାଇଁ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏକ ପଦକ୍ଷେପ ବୋଲି ଦର୍ଶାଇଛି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଓ.ପି ଜିନ୍ଦଲ(ବାଉଜୀ)ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ରକ୍ତଦାନ ଶିବିର ଆୟୋଜିତ

# ଅନୁଗୁଳର ଲୋକଙ୍କ ସେବା ପାଇଁ ଓଡ଼ିଶା ରକ୍ତଭଣ୍ଡାର ସହିତ ସହଭାଗୀ ହେବା ସୌଭାଗ୍ୟର କଥା : ଦାମୋଦର



**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଓ.ପି. ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲ (ବାଉଜୀ)ଙ୍କ ଐତିହ୍ୟ ଓ ଯୋଗାଦାନକୁ ସମ୍ମାନ ଜଣାଇ ତାଙ୍କ ୯୫ତମ ଜନ୍ମବାର୍ଷିକୀର ଗୋଟିଏ ଦିନ ପୂର୍ବରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିନ୍ଦଲ ଷ୍ଟିଲର କର୍ମଚାରୀ ଓ ଏହାର ଅଂଶୀଦାରମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ରକ୍ତ ଅଭାବରୁ କାହାର ଜୀବନହାନୀ ନହେବା ସହିତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକତାକୁ ସମର୍ଥନ ଦେବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିନ୍ଦଲ ଟାଉନସିପ ମଧ୍ୟରେ ଥିବା ହଷ୍ଟେଲ-୩ ପରିସରରେ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ମୁଖ୍ୟମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଓଡ଼ିଶା ରକ୍ତଭଣ୍ଡାର ଡିଡିଏଚ୍ ଅନୁଗୁଳ ଇନଚାର୍ଜ ଡାକ୍ତର ସତ୍ୟବ୍ରତ ପାଇଯୋଶୀ, ଅନୁଗୁଳ ସିଏସ୍ଆର ମୁଖ୍ୟ ଜୟନ୍ତ ମହାନ୍ତି ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିତ୍ତଲ କହିଥିଲେ, 'ଅନୁଗୁଳର ଲୋକଙ୍କ ସେବା ପାଇଁ ଓଡ଼ିଶା ରକ୍ତଭଣ୍ଡାର ସହିତ ସହଭାଗୀ ହେବା ସୌଭାଗ୍ୟର କଥା। ମୁଁ ସର୍ବଦା ଆମର କର୍ମଚାରୀମାନଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରେ- ଏହା ସମାଜରେ ଯୋଗାଦାନ ଦେବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାୟ ମଧ୍ୟରୁ ଗୋଟିଏ। ଜିନ୍ଦଲ ଷ୍ଟିଲ କର୍ମକର୍ତ୍ତା ସର୍ବଦା ଏହି ଅଞ୍ଚଳରେ ଅବସ୍ଥିତ ଥିବା ଅନ୍ୟ ଶିଳ୍ପାନୁଷ୍ଠାନମାନଙ୍କ ଠାରୁ ଅଧିକ ରକ୍ତଦାନ କରି ଆସୁଛନ୍ତି । ମୁଁ ନିଜେ ଜଣେ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାତା ଭାବରେ, ଏପରି ଶିବିରର ଅଂଶ ଭାବେ ଖୁସି ଅନୁଭବ କରୁଛି। ଜିନ୍ଦଲ ଐତିହ୍ୟର ଅଂଶ ହେବା ପ୍ରକୃତରେ ଏକ ସମ୍ମାନର କଥା, କାରଣ ବାଉଜୀ ସର୍ବଦା ଆମକୁ ଯଥାସମ୍ଭବ ସମାଜର ସେବା କରିବାକୁ ପରାମର୍ଶ ଦେଉଥିଲେ। ଆମର ନିୟମିତ ସିଏସଆର କାର୍ଯ୍ୟକଳାପ ବ୍ୟତୀତ, ଏଭଳି ପ୍ରୟାସ ମାଧ୍ୟମରେ ସମ୍ପ୍ରଦାୟକୁ ସମର୍ଥନ କରି ପାରିଥିବାରୁ ଆମେ ପ୍ରକୃତରେ ଖୁସି ଅନୁଭବ କରୁଛୁ।" ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଓଡ଼ିଶା ରକ୍ତଭଣ୍ଡାର ଡିଡିଏଚ ଅନୁଗୁଳ ସହଯୋଗରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ସର୍ବମୋଟ ୩୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶ୍ରୀ ଓ.ପି. ଜିନ୍ଦଲ, ଜଣେ ସାଧାରଣ ଚାଷୀ ପୃଷ୍ଠଭୂମିରୁ ଆସି ମଧ୍ୟ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିଳ୍ପପତି ଏବଂ ଦାନଶୀଳ ବ୍ୟକ୍ତି ହୋଇପାରିଥିଲେ। ଏକ ଆତ୍ମନିର୍ଭରଶୀଳ ଭାରତ ଗଠନର ସ୍ୱପ୍ନ ସହିତ, ସେ ଓ.ପି. ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠା କରିଥିଲେ, ଯାହା ବର୍ତ୍ତମାନ ଦେଶର ପ୍ରମୁଖ ଶିଳ୍ପ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ଭାରତୀୟ ଇସ୍ପାତ ଶିଳ୍ପରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ, ତାଙ୍କୁ ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରତିଷ୍ଠିତ 'ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେ ହରିୟାଣା ରାଜ୍ୟ ବିଧାନସଭାର ସଦସ୍ୟ, ସଂସଦ ସଦସ୍ୟ ଏବଂ ହରିୟାଣା ସରକାରଙ୍କ ଶକ୍ତି ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।

# ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି ସହ ଚଳାଚଳ କରିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ - ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସର ଗୋଟିଏ ରେକକୁ ଆଧୁନିକ ଲିଙ୍କେ ହଫମ୍ୟାନ୍ ବୁଶ୍ (ଏଲ୍ଏଚ୍ବି) କୋଚ୍ ସହିତ ଚଳାଚଳ କରାଯିବ ପାଇଁ ରୂପାନ୍ତରିତ କରାଯାଇଛି, ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ। ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ - ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସର



ପ୍ରଥମ ରେକ୍ ଏଲ୍ଏଚ୍ବି କୋଚ୍ ସହିତ ଭୁବନେଶ୍ୱରରୁ ଅଗଷ୍ଟ ୦୮, ୨୦୨୫ ରେ ଏବଂ ଜୁନାଗଡ଼ ରୋଡ୍ ଠାରୁ ଅଗଷ୍ଟ ୦୯, ୨୦୨୫ ରେ ଚଳାଚଳ କରିବ। ବର୍ତ୍ତମାନ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଛି । ଏଲ୍ଏଚ୍ବି ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସି - ୦୨ ଟି କୋଚ୍, ତୃତୀୟ ଏସି - ୦୪ ଟି କୋଚ୍, ସ୍ଲିପର୍ କ୍ଲାସ - ୦୫ ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂ - ୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍ - ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲ୍ଏଚ୍ବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି।

# ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ରୂପାନ୍ତରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ପୁନର୍ବିକାଶ ଗଠନଶୀଳ ଭାବରେ ଅଗ୍ରଗତି କରୁଛି । ପ୍ରକଳ୍ପଟି ୨୫.୪୧ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ମଧ୍ୟରୁ ନିର୍ମାଣ କାର୍ଯ୍ୟରେ ୫୨% ଏବଂ ଆର୍ଥିକ କ୍ଷେତ୍ରରେ ୪୩% ପ୍ରଗତି ହାସଲ କରିଛି । ଅମୃତ ଭାରତ ଷ୍ଟେସନ ଅନ୍ତର୍ଗତ ଅନୁଗୁଳ ଷ୍ଟେସନର ସମ୍ପୂର୍ଣ୍ଣ ଅପଗ୍ରେଡେସନ୍ ଡିସେମ୍ବର ୨୦୨୫ ସୁଦ୍ଧା ସମାପ୍ତ ହେବାର ଯୋଜନା କରାଯାଇଥିବାବେଳେ ୧୨-ମିଟର ଚଉଡା ଫୁଟ ଓଭର ବ୍ରିଜ ମାର୍ଚ୍ଚ ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି । ଷ୍ଟେସନ ନିର୍ମାଣ ସହ ମୁଖବନ୍ଧ ଉନ୍ନତି କାର୍ଯ୍ୟ ଯେଉଁଠାରେ ଢାଂଚାଗତ କାର୍ଯ୍ୟ ସମାପ୍ତ ହୋଇଛି, ପ୍ଲାଷ୍ଟରିଂ କାର୍ଯ୍ୟ ଚାଲୁରହିଛି ଓ ରଙ୍ଗ ଏବଂ ବୈଦ୍ୟୁତିକ କାର୍ଯ୍ୟ ସଠିକ ସମୟରେ କରାଯିବ। ଚଳପ୍ରଚଳ ଅଂଚଳ ବା ସର୍କୁଲେଟିଂ ଏରିଆର ବିକାଶ କାର୍ଯ୍ୟରେ ଟେନ୍ସାଇଲ୍ ଫେବ୍ରିକେସନ୍ ସମାପ୍ତ ହୋଇଛି ଏବଂ ମାଟି କାର୍ଯ୍ୟ ବା ଆର୍ଥୱାର୍କ, ପିସିସି ଏବଂ ଡ୍ରେନେଜ୍ କାମ ଚାଲୁରହିଛି । ପ୍ଲାଟଫର୍ମ ଆଶ୍ରୟସ୍ଥଳ, ଯେଉଁଠାରେ ୩୫ ଟି ବେ ମଧ୍ୟରୁ ୨୯ ଟି ସମ୍ପୂର୍ଣ୍ଣ ହୋଇଛି । ଫୁଟ ଓଭର ବ୍ରିଜ ସହିତ ସଂଯୁକ୍ତ କ୍ୟାଂଟିଲିଭର୍ ଷ୍ଟ୍ରକଚର ନିର୍ମାଣ ସହିତ ବାକି ୬ ଟି ନିର୍ମାଣ କାର୍ଯ୍ୟ ପ୍ରଗତିରେ ଅଛି। ପ୍ଲାଟଫର୍ମ ଚଳପ୍ରଚଳ ଅଂଚଳ, ଇଟା ଦ୍ୱାରା ଡ୍ରେନେଜ୍ କାର୍ଯ୍ୟ, ବ୍ଲକ୍ ଗୁଡିକୁ ସଠିକ ଭାବେ ସଂସ୍ଥାପନ ଏବଂ ପ୍ଲାଟଫର୍ମ ୨ ଏବଂ ୩ ରେ ଟାଇଲ୍ ବିଛାଇବା ସମେତ ପାଣି ବୁଥ୍ ସଂସ୍ଥାପନ କାର୍ଯ୍ୟ ଚାଲୁରହିଛି ଏବଂ ଟ୍ୟାପ୍ ପଏଣ୍ଟ ସ୍ଥାପନ ହେବାକୁ ବାକି ଅଛି। ଫୁଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ମୂଳଦୁଆ (ଫାଉଣ୍ଡେସନ୍), ସିଡ଼ି, ସ୍ତମ୍ଭ ନିର୍ମାଣ ଏବଂ ଡେକ୍ ଫେବ୍ରିକେସନ୍ ସହିତ ଯୋଜନଗତ ଭାବରେ ଅଗ୍ରଗତି ହେଉଛି । ପ୍ରବେଶଯୋଗ୍ୟତାକୁ ଉନ୍ନତ କରିବା ପାଇଁ ଚାରିଟି ଲିଫ୍ଟ ବ୍ୟବସ୍ଥା କରାଯାଉଛି । ଅତିରିକ୍ତ କାର୍ଯ୍ୟ ମଧ୍ୟରେ ପ୍ରତିକ୍ଷ୍ୟ ହଲ୍ ଓ ଶୌଚାଳୟର ନବୀକରଣ, ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଏବଂ ସ୍ଥାନୀୟ କଳା ଏବଂ ସାଂସ୍କୃତିକ ଗରିମା ଓ ସୌନ୍ଦର୍ଯ୍ୟମୟ ଡିଜାଇନ୍ ଉପାଦାନଗୁଡ଼ିକର ସମନ୍ୱୟ



ଅନ୍ତର୍ଭୁକ୍ତ। ଷ୍ଟେସନକୁ ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ଭାବରେ ବିକଶିତ କରାଯାଉଛି । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସହିତ ରାମ୍ପ, କୋଚ୍ ସ୍ଥିତି ପ୍ରଦର୍ଶନ ବୋର୍ଡ, କମ୍ ଉଚ୍ଚତା ଟିକେଟ୍ ଏବଂ ସହାୟତା ବୁଥ୍, ଦିବ୍ୟାଙ୍ଗ ଶୌଚାଳୟ ଏବଂ ଜଳ ବୁଥ୍, ଉତ୍ସର୍ଗୀକୃତ ପାର୍କିଂ ଏବଂ ଲିଫ୍ଟଗୁଡ଼ିକୁ ଫୁଟ ଓଭର ବ୍ରିଜରେ ସଂଯୁକ୍ତ କରାଯାଉଛି । ଆଗାମୀ କାର୍ଯ୍ୟଗୁଡ଼ିକ ମଧ୍ୟରେ ଲିଫ୍ଟ, ବ୍ରେଲି ସାଇନେଜ୍, ସୁଗମ ଫ୍ଲୋରିଂ ଏବଂ ହ୍ୱିଲଚେୟାର ଉପଲବ୍ଧତା ମଧ୍ୟ ଅନ୍ତର୍ଭୁକ୍ତ ହେବ । ଅନ୍ୟାନ୍ୟ ଯାତ୍ରୀ ସୁବିଧା ମଧ୍ୟରେ ସାର୍ବଜନୀନ ଘୋଷଣା ପ୍ରଣାଳୀ, ଡିଜିଟାଲ୍ ସାଇନେଜ୍, ଉନ୍ନତ ଆଲୋକୀକରଣ ଏବଂ ଚାର୍ଜିଂ ପଏଂଟ, ସିସିଟିଭି କ୍ୟାମେରା, ଏଟିଭିଏମ, ଡଷ୍ଟବିନ, ପାଣି କୁଲର, ଟ୍ରେନ୍ ସୂଚକ ବୋର୍ଡ, ପର୍ଯ୍ୟଟନ ସୁବିଧା କାଉଂଟର, ସ୍ଥାନୀୟ ଉତ୍ପାଦ ଗୁଡିକର ବିକ୍ରି ଓ ପ୍ରସାର ପାଇଁ ଓଏସଓପି ଷ୍ଟଲ୍ ଏବଂ ଅଗ୍ନି ନିର୍ବାପକ ଉପକରଣ ଭଳି ସୁବିଧା ଅନ୍ତର୍ଭୁକ୍ତ ହେବ। ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଏହାକୁ ଏକ ଆଧୁନିକ, ସାଂସ୍କୃତିକ ଏବଂ ସୌନ୍ଦର୍ଯ୍ୟମୟ ଡିଜାଇନ୍ ର ସ୍ପନ୍ଦନଶୀଳ ରେଳ ହବ୍ ରେ ପରିଣତ କରିବା ଲକ୍ଷ୍ୟରେ ହେଉଛି, ଯାହା ସମସ୍ତ ବର୍ଗର ଯାତ୍ରୀଙ୍କ ପାଇଁ ଉନ୍ନତ ଓ ସୁବିଧାଜନକ ଯାତ୍ରା ଅଭିଜ୍ଞତା ନିଶ୍ଚିତ କରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାରିପାର୍ଶ୍ୱିକ ଘଟଣାକୁ ନେଇ...

ଡିଜିପି କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ମୃତ ଯୁବତୀଙ୍କ ବାପା ଓ ମା'ଙ୍କ ସହିତ କଥା ହୋଇଛି। ଯୁବତୀ ଯେତେବେଳେ ଜଳି ଯାଇଥିଲେ, ତାଙ୍କର ବାପା କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। କିନ୍ତୁ ସେମାନେ ଶତ ଚେଷ୍ଟା କରି ମଧ୍ୟ ଯୁବତୀଙ୍କୁ ବଞ୍ଚାଇ ପାରି ନଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ପୁଲିସ କର୍ମଚାରୀ ତଥା ପଳେଇବାବୁ ଯଦି ଅଭିଯୋଗ ରଖିନଥିବେ ଏହାର ତଦନ୍ତ ହେବ। ତଦନ୍ତ ପରେ ସବୁ ସତ ପଦାକୁ ଆସିବ। ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ହେବ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଓଡ଼ିଶାର ବିକାଶମୂଳକ...

ବୁଧବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଭାରୀ ଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଭେଟି ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଆଦି ବିଷୟରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀଙ୍କୁ 'ଭିଜନ ଓଡ଼ିଶା ୨୦୩୬-୨୦୪୭' ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବା ସମୟରେ ପାର୍ଲାମେଣ୍ଟ ପରିସରରେ ରାଜ୍ୟର ବିଜେପି ସାଂସଦମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ସମୟରେ ସାଂସଦ ଅନନ୍ତ ନାଏକ, ସମ୍ବିତ ପାତ୍ର ଏବଂ ନବଚରଣ ମାଝୀ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ସାକ୍ଷାତର ସୂଚନା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଜଣାଇଛନ୍ତି।

## ଭାରତ ଉପରେ ଆଉ...

ଉପରେ ଶୁଳ୍କ ବୃଦ୍ଧି କରିବାକୁ ଧମକ ଦେଇଥିଲେ। ଏହି ଶୁଳ୍କ ଚଳିତ ମାସ ୨୭ରୁ କାର୍ଯ୍ୟକାରୀ ହେବ। ପୂର୍ବରୁ ଟ୍ରମ୍ପ ୧ ଅଗଷ୍ଟର ଶେଷ ତାରିଖ ପୂର୍ବରୁ ୩୦ ଜୁଲାଇରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ପରେ ଏହାକୁ ୭ ଦିନ ପାଇଁ ବୃଦ୍ଧି କରାଯାଇଥିଲା। ଏହା ପରେ ୭ ଜୁଲାଇ ପୂର୍ବରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରାଯାଇଛି। ଏହାର ଅର୍ଥ ହେଉଛି ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ୫୦ ପ୍ରତିଶତ ହୋଇଯାଇଛି। ଅର୍ଥାତ ଭାରତରୁ ଆମେରିକାକୁ ଯାଉଥିବା ସାମଗ୍ରୀ ଉପରେ ୫୦ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ ହେବ। ଏହି ଶୁଳ୍କ ଆମେରିକାକୁ ଭାରତର ରପ୍ତାନିକୁ ପ୍ରଭାବିତ କରିବ। ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ ଯଦି ଭାରତ ରୁଷିଆରୁ ତେଲ କିଣିବା ଜାରି ରଖେ, ତେବେ ଶୁଳ୍କ ଆହୁରି ବୃଦ୍ଧି କରାଯିବ। ଟ୍ରମ୍ପ ସୂଚାଇ ଦେଇଥିଲେ ଯେ ସେ ଔଷଧ ଆମଦାନୀ ଉପରେ ଶୁଳ୍କକୁ ୨୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, ଯାହା ଏପର୍ଯ୍ୟନ୍ତ ସେ ପ୍ରସ୍ତାବ ଦେଇଥିବା ସବୁଠାରୁ ବଡ଼ ଶୁଳ୍କ ହୋଇପାରେ। ସେ କମ୍ ଶୁଳ୍କ ସହିତ ଆରମ୍ଭ କରିବେ, କିନ୍ତୁ ୧୮ ମାସ ମଧ୍ୟରେ ଧୀରେ ଧୀରେ ଏହାକୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ପ୍ରଥମେ ୧୫୦ ପ୍ରତିଶତ ଏବଂ ଶେଷରେ ୨୫୦ ପ୍ରତିଶତ ପର୍ଯ୍ୟନ୍ତ ଏହା ପହଞ୍ଚିପାରେ।

## ଜଳିଗଲେ ଯୁବତୀ ...

ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରୀ ଆତ୍ମହତ୍ୟା କଲେ ତାହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବେ ଓ କେଉଁ ଥାନାରେ ଅଭିଯୋଗ କରିଥିଲେ, ତାହା ମଧ୍ୟ ଯାଞ୍ଚ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏଣିକି ଓଡ଼ିଆରେ...

ଯେଉଁ ପ୍ରତିଷ୍ଠାନମାନେ ଏହି ନିୟମ ପାଳନ କରିବେ ନାହିଁ, ସେମାନଙ୍କୁ ପ୍ରଥମେ ଔପଚାରିକ ନୋଟିସ ଜାରି କରାଯିବ ଏବଂ ୫୫ ଦିନର ସମୟ ଦିଆଯିବ। ଏହା ପରେ ମଧ୍ୟ ନିୟମ ଉଲ୍ଲଙ୍ଘନ କଲେ ଦୈନିକ ୫୦୦ ଟଙ୍କା ଜରିମାନା ଲାଗୁ ହେବ। ଅନ୍ୟପକ୍ଷରେ, ନିୟମ ପାଳନ କରୁଥିବା ପ୍ରତିଷ୍ଠାନମାନେ ଟ୍ରେଡ଼ ଲାଇସେନ୍ସ ନବୀକରଣ ଫିଁରେ ୫ ପ୍ରତିଶତ ରିହାତି ପାଇବେ, ଯାହା ସୁଯୋଗ କିମ୍ବା ଭୁବନେଶ୍ୱର.ମି ପୋର୍ଟାଲ ମାଧ୍ୟମରେ ଉପଲବ୍ଧ ହେବ। ନଗର ସ୍ଥାନୀୟ ନିଗମ (ୟୁଏଲବି)ମାନଙ୍କୁ ଟ୍ରେଡ଼ ଲାଇସେନ୍ସ ନବୀକରଣ ଏବଂ ନିୟମିତ ପରିଦର୍ଶନ ସମୟରେ ଏହି ନିୟମର ପାଳନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ଏହା ସହିତ ୟୁଏଲବିମାନଙ୍କୁ ଦୋକାନୀ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ଏହି ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ପାଳନରେ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ସମସ୍ତ ୟୁଏଲବିଙ୍କୁ ୬୦ ଦିନ ମଧ୍ୟରେ ଏକ ବିସ୍ତୃତ ପାଳନ ରିପୋର୍ଟ ନଗର ପ୍ରଶାସନ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ସ୍ପଷ୍ଟୀକରଣ କିମ୍ବା ସହାୟତା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପ୍ରଶାସନ ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ପଦକ୍ଷେପ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ଏବଂ ନଗରାଞ୍ଚଳରେ ଏହାର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

## ରେପୋ ରେଟ୍ ...

ଯେତେବେଳେ ରେପୋ ହାର କମ୍ ଥାଏ, ବ୍ୟାଙ୍କ ଗୁଡିକ ପାଇଁ ଟଙ୍କା ଋଣ ନେବା ଶସ୍ତା ହୋଇଯାଏ। ଏହାସହିତ ସେମାନେ ଗ୍ରାହକମାନଙ୍କୁ କମ୍ ସୁଧ ହାରରେ ଟଙ୍କା ଋଣ ଦେଇପାରିବେ। ରେପୋ ହାର ହ୍ରାସ ହେବା ଦ୍ୱାରା ଗୃହ ଏବଂ କାର ଋଣ ଭଳି ଋଣ ଶସ୍ତା ହୋଇଥାଏ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ମୁଦ୍ରାନୀତି କମିଟି ସର୍ବସମ୍ମତିକ୍ରମେ ନୀତି ରେପୋ ହାରକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ସେ କହିଛନ୍ତି ଯେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି। ମୂଳ ମୁଦ୍ରାସ୍ଫୀତି ୪ପ୍ରତିଶତରେ ସ୍ଥିର ରହିଥିବା ବେଳେ ଅନେକ ବିକଶିତ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି।

## କର୍ତ୍ତବ୍ୟ ଭବନ ଉଦ୍‌ଘାଟନ...

କୋଟି ଟଙ୍କା ସଞ୍ଚୟ ହେବ। ପ୍ରାୟ ୧.୫ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ବିସ୍ତୃତ, ଏହି ଅତ୍ୟାଧୁନିକ କାର୍ଯ୍ୟାଳୟ କମ୍ପ୍ଲେକ୍ସରେ ଦୁଇଟି ବେସମେଣ୍ଟ ଏବଂ ସାତ ମହଲା (ଭୂତଳ ମହଲା ସହ ୬ ମହଲା) ଅଛି। ବର୍ତ୍ତମାନ ଅନେକ ପ୍ରମୁଖ ମନ୍ତ୍ରଣାଳୟ ୧୯୫୦ ରୁ ୧୯୭୦ ଦଶକ ମଧ୍ୟରେ ନିର୍ମିତ ଶାସ୍ତ୍ରୀ ଭବନ, କୃଷି ଭବନ, ଉଦ୍ୟୋଗ ଭବନ ଏବଂ ନିର୍ମାଣ ଭବନ ଭଳି ପୁରୁଣା କୋଠାରୁ କାର୍ଯ୍ୟ କରୁଛି। ଏହି ବିଲ୍ଡିଂରେ ସୁରକ୍ଷିତ ଏବଂ ଆଇଟି-ସକ୍ଷମ କାର୍ଯ୍ୟସ୍ଥଳ, ସ୍ମାର୍ଟ ଏଣ୍ଟ୍ରି ସିଷ୍ଟମ, ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ଏବଂ କମାଣ୍ଡ ସେଣ୍ଟର, ସୌର ପ୍ୟାନେଲ, ସୌର ଜଳ ହିଟର ଏବଂ ଇ-ଯାନ ଚାର୍ଜିଂ ଷ୍ଟେସନ ଭଳି ବୈଶିଷ୍ଟ୍ୟ ରହିଛି। ଏହା ପରିବେଶ ଅନୁକୂଳ ନିର୍ମାଣକୁ ମଧ୍ୟ ପ୍ରୋତ୍ସାହିତ କରେ, ଯେଉଁଥିରେ ବର୍ଜ୍ୟଜଳ ପୁନଃବ୍ୟବହାର, କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ବିଲ୍ଡିଂକୁ ଥଣ୍ଡା ରଖିବା ଏବଂ ବାହ୍ୟ ଶବ୍ଦ ପ୍ରଦୂଷଣ ହ୍ରାସ କରିବା ପାଇଁ ସ୍ୱତନ୍ତ୍ର କାଚ ଝରକା ଲଗାଯାଇଛି। ତେବେ ଏହି ଭବନର ନିର୍ମାଣ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟରେ ଶେଷ ହୋଇଛି। ଏହା ଅଧୀନରେ ଭାରତର ପାୱାର କରିଡର ନିର୍ମାଣ କରାଯାଉଛି। ଏଥିରେ ଏକ ନୂତନ ସଂସଦ ଭବନ, ଏକ କେନ୍ଦ୍ରୀୟ ସଚିବାଳୟ ଏବଂ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ତିନି କିଲୋମିଟର ଲମ୍ବ କର୍ତ୍ତବ୍ୟ ପଥ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। ବର୍ତ୍ତମାନ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ଅନେକ ନୂତନ କୋଠା ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ଗୋଟିଏ ହେଉଛି 'କର୍ତ୍ତବ୍ୟ ଭବନ'। ଏଥିରେ ଗୃହ ମନ୍ତ୍ରଣାଳୟ ସମେତ ଅନେକ ସରକାରୀ କାର୍ଯ୍ୟାଳୟ ରହିବ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ନୂତନ କୋଠା ଏବଂ ରାସ୍ତା ନିର୍ମାଣ କରାଯାଉଛି। କର୍ତ୍ତବ୍ୟ ପଥକୁ ମଧ୍ୟ ଏକ ନୂତନ ରୂପ ଦିଆଯାଉଛି, ଯାହା ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଲମ୍ବିଛି। ରାଷ୍ଟ୍ରପତି ଭବନ ନିକଟରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ପ୍ରିନ୍ସେସ୍ ପାର୍କ ଅଞ୍ଚଳ ଏହି ପ୍ରକଳ୍ପ ଅଧୀନରେ ଆସେ। ରାଷ୍ଟ୍ରପତି ଭବନ, ସଂସଦ, ନର୍ଥ ବ୍ଲକ୍, ସାଉଥ୍ ବ୍ଲକ୍, ଉପରାଷ୍ଟ୍ରପତିଙ୍କ ଘର ସେଣ୍ଟ୍ରାଲ୍ ଭିଷ୍ଟା ଅଧୀନରେ ଆସେ। ସେହିପରି ଏହା ବ୍ୟତୀତ, ଜାତୀୟ ସଂଗ୍ରହାଳୟ, ଜାତୀୟ ଅଭିଲେଖାଗାର, ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର, ଉଦ୍ୟୋଗ ଭବନ, ବିକାନେର ହାଉସ୍, ହାଇଦ୍ରାବାଦ ହାଉସ୍, ନିର୍ମାଣ ଭବନ ଏବଂ ଜବାହର ଭବନ ମଧ୍ୟ ସେଣ୍ଟ୍ରାଲ୍ ଭିଷ୍ଟାର ଅଂଶ।

## ସ୍ତନ୍ୟପାନ ଯୋଗୁଁ ମା' ହୃଦୟର...

ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକେଇଥାଏ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଓଡ଼ିଶାରେ ସ୍ତନ୍ୟପାନର ହାର ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଭାଷୀ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମସ୍ତ ସରକାରୀ ଓ ଅଣସରକାରୀ ସର୍ବସାଧରଣ ସ୍ଥାନମାନଙ୍କରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଛନ୍ତି । ଅଙ୍ଗନୱାଡି ହେଲା ଶିଶୁର ଦ୍ୱିତୀୟ ମା' ଘର। ଅଙ୍ଗନୱାଡିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧ – ୧୫ରୁ "ଆସ ବୁଲିଯିବା ଅଙ୍ଗନୱାଡି" ଅଭିଯାନରେ ଅଙ୍ଗନୱାଡିକୁ ପରିଦର୍ଶନ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ୟୁନିସେଫର ପୋଷଣ ବିଶେଷଜ୍ଞ ଶ୍ରୀ ସୌରଭ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର ଆଧୁନିକ ମା'ମାନେ ସ୍ତନ୍ୟପାନ କରେଇବା ପାଇଁ ନିରୁତ୍ସାହିତ ହେବାର କାରଣ ଗୁଡିକୁ ଉଲ୍ଲେଖ କରିଥିଲେ। ସ୍ତନ୍ୟପାନ କେବଳ ମା' ମାନଙ୍କର ଦାୟିତ୍ୱ ନୁହେଁ, ଏହା ପରିବାର ସମାଜ, ସରକାର ସମସ୍ତଙ୍କ ସାମୂହିକ ଦାୟିତ୍ୱ। ମା'ମାନଙ୍କ ପାଇଁ ଉପଯୁକ୍ତ ବିଶ୍ରାମ, ପୁଷ୍ଟିକର ଖାଦ୍ୟ ଓ ଏକ ମାନସିକ ଚାପମୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗର୍ଭବତୀ, ପ୍ରସୂତି ମା'ମାନଙ୍କ ପାଇଁ ତଥା ଶିଶୁମାନଙ୍କ ପାଇଁ ଉପଲବ୍ଧ ଥିବା ରାଜ୍ୟସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କରକମଳରେ "ଲୋକ କଲ୍ୟାଣ" – ଅନଲାଇନ ୱେବ୍ ଲିଙ୍କ ଫର୍ମ ଲୋକାର୍ପଣ ହୋଇଯାଇଛି । ଏହି ୱେବ୍ ଲିଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଏକ ସକ୍ରିୟ ଏନଜିଓ ଡାଟାବେଶ ଗଠନ କରିବ।

# ହସ୍ପିଟାଲରେ ଖବର ସଂଗ୍ରହ କରୁଥିବା ମିଡ଼ିଆ କର୍ମୀଙ୍କୁ ଆକ୍ରମଣ



**ବାରିପଦା, ନ୍ୟୁଜ ବ୍ୟୁରୋ**

ଗତ ମଙ୍ଗଳବାର ରାତିରେ ବାରିପଦା ପିଆରଏମ ମେଡିକାଲ କଲେଜ କାଜୁଆଲିଟି ବିଭାଗରେ ବାରିପଦାର ମିଡ଼ିଆ କର୍ମୀ ଶିବ ଶଙ୍କର ମାନ୍ନା ଏକ ଛାତ୍ର ମୃତ୍ୟୁ ଘଟଣାର ଖବର ସଂଗ୍ରହ କରୁଥିବା ସମୟରେ କିଛି ଦୁର୍ବୃତ୍ତଙ୍କ ସଙ୍ଗବୋଧ ଆକ୍ରମଣର ଶିକାର ହୋଇଛନ୍ତି । ହସ୍ପିଟାଲ ଭିତରେ ରୋଗୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ତଥା ସିକ୍ୟୁରିଟି ଗାର୍ଡଙ୍କ ସମ୍ମୁଖରେ କିଛି ଯୁବକ ତାଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଆହତ ହୋଇ ଶିବ ଶଙ୍କର ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ, ବୁଧବାର ହସ୍ପିଟାଲରୁ ଡ଼ିସଚାର୍ଜ ହୋଇଛନ୍ତି। ଘଟଣା ବାବଦରେ ଶିବଶଙ୍କର ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାରିପଦା ଟାଉନ ଥାନାରେ ଏବାବଦରେ ଏକ ମାମଲା ରୁଜୁହୋଇଛି। ବାରିପଦା ଟାଉନ ପୋଲିସ ସିସି ଟିଭି ଫୁଟେଜ ଆଧାରରେ ଘଟଣାର ଅନୁସନ୍ଧାନ ଚଳାଇଛି। ତେବେ ମିଡ଼ିଆ କର୍ମୀଙ୍କୁ ଏଭଳି ଆକ୍ରମଣକୁ ସ୍ଥାନୀୟ ସାମ୍ବାଦିକ ମାନେ ନିନ୍ଦା କରିଥିବା ବେଳେ, ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବୀ ହେଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.25-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ କୋଲକାତା-ଚେନ୍ନାଇ ମେନ୍ (Main) ଲାଇନ୍‌ରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନଗୁଡ଼ିକ ମଧ୍ୟସ୍ଥ NH-200(ନୂଆ NH-53)ର କି.ମି.370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):**15,29,188.76, EMD (ଟଙ୍କାରେ) : 30,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-437/Q/25-26



**NOTICE INVITING TENDER**

CAD-1407

Office of District Manager
Odisha State Civil Supplies Corporation Ltd. (OSCSC)
Jagatsinghpur (District)
Phone: 06724-223065

TENDER No.3746 Dated: 05.08.2025

Cost of Tender Document :- Rs.11800/- Inclusive of GST.
Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) of Jagatsinghpur district for the biennial year-2025-27.

| | | |
|---|---|---|
| 1 | Availability of tender documents | From Date 07.08.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online Submission of completed Tender Documents with enclosures | Through e-Procurement Portal: www.tendersodisha.gov.in up to 5.00 PM of dt.29.08.2025 |
| 4 | Date, time and venue for opening of Technical Bid by the Tender Committee | On dt.30.08.2025 at 11.00 AM Place : Sadbhabana Sabhagruha, Collectorate, Jagatsinghpur |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30.08.2025 at 2.00 PM Place Sadbhabana Sabhagruha, Collectorate, Jagatsinghpur |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |

**N.B:**

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation / re-tender/corrigendum please refer to the website www.tendersodisha.gov.in,www.oscsc.in & www.foododisha.in.

OIPR-07020/11/0008/2526

District Manager
OSCSC Ltd., Jagatsinghpur

ସମ୍ବାଦ କଳିକା
ଭୁବନେଶ୍ୱର
୦୭ ଅଗଷ୍ଟ,
ଗୁରୁବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଖୁବ୍‌ଶୀଘ୍ର ଲାଗିବ ମହାପ୍ରସାଦ ରେଟ୍ ଚାଟ୍

**ପୁରୀ,୦୬/୦୮ ନ୍ୟୁଜ ବ୍ୟୁରୋ**



ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅନ୍ନ, ବ୍ୟଞ୍ଜନ ସହ ଶୁଖିଲି ମହାପ୍ରସାଦର ଦର ନିର୍ଦ୍ଧାରଣ ରେଟ୍ ଚାଟ୍ ଲାଗିବ । ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ଆନନ୍ଦ ବଜାର ଶୃଙ୍ଖଳା କମିଟି ବୈଠକ ପରେ ଏନେଇ ସୂଚନା ଦେଇଥିଲେ ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ । ଶ୍ରୀମନ୍ଦିର ଆନନ୍ଦ ବଜାରରେ ବିଶୃଙ୍ଖଳା ବଢ଼ିଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହି ଜରୁରୀ ବୈଠକ ହୋଇଥିଲା। ଡଃ ପାଢ଼ୀ ଗଣମାଧ୍ୟମକୁ କହିଥିଲେ, ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ଓ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକ ଶୃଙ୍ଖଳା ଶୀଘ୍ର ଆସିବ । ଅବଢ଼ା ଓ ଶୁଖିଲି ମହାପ୍ରସାଦର ରେଟ୍ ଚାଟ୍ ଲାଗିବ । ଶୁଖିଲି ଓ ଅନ୍ନ ମହାପ୍ରସାଦ ଭିନ୍ନ ସ୍ଥାନରେ ବିକ୍ରି ହେବ। ଦୀପ ଓ ମହାପ୍ରସାଦରେ ଓମ୍‌ଫେଡ୍ ଘିଅ ବ୍ୟବହାର ବାଧ୍ୟତାମୂଳକ ହୋଇଛି । ବ୍ୟତିକ୍ରମ କଲେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରାଯିବାକୁ ବୈଠକରେ ଚେତାବନୀ ଦିଆଯାଇଛି । ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ସୁଆର କହିଛନ୍ତି, ପୂର୍ବତନ ଜିଲ୍ଲାପାଳଙ୍କ ସମୟରେ ଆନନ୍ଦ ବଜାର ଶୃଙ୍ଖଳା ୮୦ ଭାଗ ଆସିଥିଲା । ବିଶୃଙ୍ଖଳା ସ୍ଥିତି ଦେଖି ଜରୁରୀ ବୈଠକ ପୁଣି ବସିଥିଲା । ନୀତିକାନ୍ତି ଶୃଙ୍ଖଳା କରିବାକୁ ପ୍ରଥମେ ଆଲୋଚନା ହୋଇଥିଲା । ଶୀଘ୍ର ମହାପ୍ରସାଦ ବାହାରିଲେ ଶ୍ରଦ୍ଧାଳୁମାନେ ଆନନ୍ଦରେ ଖାଇ ଚାଲି ଯିବେ। ଶ୍ରୀମନ୍ଦିରରେ ଭିଡ଼ ବେଶୀ ସମୟ ରହିବନି । ସେହିପରି ଶୁଖିଲି ଓ ଅବଢ଼ା ସ୍ୱତନ୍ତ୍ର ସ୍ଥାନରେ ବିକ୍ରି ବ୍ୟବସ୍ଥା ହୋଇଛି। ଆନନ୍ଦ ବଜାର ଖୋଲା ସ୍ଥାନରେ ବସିଥିବା ଖଜା ଦୋକାନୀଙ୍କୁ ସ୍ୱତନ୍ତ୍ର ଦୋକାନ ଭିତରକୁ ସ୍ଥାନାନ୍ତର କରାଯିବ। ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରସାଦ ରାନ୍ଧିବାକୁ ଆବଶ୍ୟକ ୩୫ କ୍ୱିଣ୍ଟାଲ କାଠ ଯୋଗାଇ ଦେବାକୁ ଦାବି କରାଯାଇଥିଲା।
ସେହିପରି ବୈଠକରେ ଜୈବିକ ଚାଉଳ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ରଥଯାତ୍ରା ବେଳେ ୨୧ କ୍ୱିଣ୍ଟାଲ ଜୈବିକ ଚାଉଳ ପରୀକ୍ଷାମୂଳକ ଭାବେ ଆଡ଼ପ ଘରେ ରନ୍ଧା ଯାଇଥିଲା । ୨ ଦିନ ତଳେ ମଧ ଏହି ଚାଉଳ ରାନ୍ଧି ପରୀକ୍ଷା କରାଯାଇଥିଲା । ନୂଆ ଚାଉଳରେ ମହାପ୍ରସାଦ ରାନ୍ଧିଲେ ଏହା ନରମା ହୋଇଯାଉଛି। ତେଣୁ ପୁରୁଣା ଜୈବିକ ଚାଉଳ ଦେଲେ କୋଠ ଭୋଗ ସହ ବରାଦି ଭୋଗ ହେବ । ସେହିପରି ମହାପ୍ରସାଦ ବିକ୍ରିରେ ସହାୟତା କରୁଥିବା ସହାୟକଙ୍କ ନିମନ୍ତେ ଡ୍ରେସ୍ କୋର୍ଡ ଓ ପରିଚୟପତ୍ର ହେବ । ବିଶୃଙ୍ଖଳା କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ବୈଠକରେ ଆଲୋଚନା ହୋଇଛି।



ଭୁବନେଶ୍ୱର : ପାଖେଇ ଆସୁଛି ରକ୍ଷା ବନ୍ଧନ, ଭାଇ ପାଇଁ ମନପସନ୍ଦର ରାକ୍ଷୀ ବାଛିବାରେ ବ୍ୟସ୍ତ ଭଉଣୀମାନେ। (ଫଟୋ : ସମ୍ବାଦ କଳିକା)

# ‘ପରୀକ୍ଷା ପେ ଚର୍ଚ୍ଚା’ ପାଇଁ ମିଳିଥିବା ଗିନିଜ୍ ୱାର୍ଲଡ୍ ରେକର୍ଡର ସାର୍ଟିଫିକେଟ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ, ୬।୮**

‘ପରୀକ୍ଷା ପେ ଚର୍ଚ୍ଚା’ ପାଇଁ ମିଳିଥିବା ଗିନିଜ୍ ୱାର୍ଲଡ୍ ରେକର୍ଡର ସାର୍ଟିଫିକେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦାନ କରିଛନ୍ତି । ଏହି ସମୟରେ କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପରୀକ୍ଷା ପେ ଚର୍ଚ୍ଚା(ପିପିସି) – ୨୦୨୫ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲା। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ‘ପରୀକ୍ଷା ପେ ଚର୍ଚ୍ଚା’ ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡର ଏକ ପ୍ରମାଣପତ୍ର ଗ୍ରହଣ କରିଥିଲେ।

## ଜେପି ନଡ୍ଡାଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

# ୨ଶହ ଏମ୍‌ବିବିଏସ୍ ସିଟ୍ ପାଇଁ କଲେ ଅନୁରୋଧ

**ଭୁବନେଶ୍ୱର,୦୬/୦୮ ନ୍ୟୁଜ ବ୍ୟୁରୋ**



ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ପାଇଁ ୧୦୦ ଏମ୍‌ବିବିଏସ୍ ସିଟ୍ ଏବଂ ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ ସିଟ୍‌ରେ ନାମଲେଖା ପାଇଁ ଅନୁମତି ମିଳୁ। ଦିଲ୍ଲୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ଅନୁରୋଧ କରିଛନ୍ତି। ଏହି ଦୁଇ ଶହ ସିଟ୍‌ରେ ୨୦୨୫-୨୬ ଶିକ୍ଷାବର୍ଷରେ ନାମଲେଖା ପାଇଁ ଅନୁମତି ଦେବାକୁ ଡ. ମହାଲିଙ୍ଗ କହିଛନ୍ତି । ଏହି ଦୁଇ ମେଡିକାଲ କଲେଜ ନୂଆ କରି ପ୍ରତିଷ୍ଠା ହୋଇଛି। ଏହି ଦୁଇ ଅନୁଷ୍ଠାନର ଡିନ୍ ଓ ପ୍ରିନ୍ସିପାଲମାନେ ଅନୁମତିପତ୍ର ପାଇଁ ୧୮ ଜାନୁଆରୀ ୨୦୨୫ରେ ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ପୋର୍ଟାଲରେ ଆବେଦନ କରିଥିଲେ । ଏନ୍‌ଏମ୍‌ସି ଟିମ୍ ୨୩ ଜୁନ ୨୦୨୫ରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ୨୮ ମେ ୨୦୨୫ରେ ସରକାରୀ ମେଡିକାଲ କଲେଜ ଫୁଲବାଣୀକୁ ପରିଦର୍ଶନ କରିଥିଲେ । ରାଜ୍ୟ ସରକାର ଏହି ଦୁଇ ଅନୁଷ୍ଠାନ ପାଇଁ ଚିକିତ୍ସା ଓ ଶିକ୍ଷା କ୍ଷେତ୍ରରେ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି । ରାଜ୍ୟ ବଜେଟ୍‌ରେ ଏଥିପାଇଁ ଆବଶ୍ୟକ ଅର୍ଥ ମଧ୍ୟ ବରାଦ ହୋଇଛି । ତେବେ ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଆଉ ଦୁଇଟି କଲେଜ ଯୋଡି ହେବ । ୧୪ଟି ସରକାରୀ କଲେଜରୁ ବଢି ୧୬ ସରକାରୀ ମେଡିକାଲ କଲେଜ ହେବା ସହ ମୋଟ ସିଟ୍ ବଢ଼ି ୧୮୦୦ ହେବ । ଏହି ଅବସରରେ ଡ. ମହାଲିଙ୍ଗ ଶ୍ରୀ ନଡ୍ଡାଙ୍କ ସହ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଉନ୍ନତତର କରିବା ପାଇଁ ମଧ୍ୟ ଆଲୋଚନା କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ଚୀନ୍‌ର ଏସ୍‌ସିଓ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ ୬।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ଶେଷରେ ଜାପାନ ଓ ଚୀନ୍ ଯାତ୍ରାରେ ଯିବେ। ତାଙ୍କର ଜାପାନ ଗସ୍ତ କାର୍ଯ୍ୟକ୍ରମ ଦ୍ୱିପାକ୍ଷୀୟ ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ହୋଇଥିବା ବେଳେ ଚୀନ୍ ଗସ୍ତ କାର୍ଯ୍ୟକ୍ରମ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ସମ୍ମିଳନୀରେ ଯୋଗ ଦେବା ପାଇଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଯାତ୍ରା ଏପରି ସମୟରେ ହେଉଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ବ୍ରିକ୍ସ ଦେଶଙ୍କୁ ଋଷିଆ ତୈଳ ନେଇ ଟାର୍ଗେଟ୍ କରୁଛନ୍ତି। ଏଣୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହି ଗସ୍ତକୁ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏହା ପୂର୍ବରୁ ଜୁନ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଚୀନ୍ କିଙ୍ଗଦାଓରେ ଅନୁଷ୍ଠିତ ଏସସିଓ ରକ୍ଷାମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗ ଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଗସ୍ତ କାର୍ଯ୍ୟକ୍ରମ ୩୦ ଅଗଷ୍ଟରେ ଆରମ୍ଭ ହେବ। ପ୍ରଥମେ ସେ ଜାପାନ ଯିବେ। ଜାପାନୀ ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ସହିତ ଜାପାନ-ଭାରତ ବାର୍ଷିକ ଶିଖର ସମ୍ମିଳନୀରେ ଭାଗ ନେବା ସହ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅଗଷ୍ଟ ୩୧ ତାରିଖରେ ଚୀନ୍ ଗସ୍ତରେ ଯିବେ। ଚୀନ୍ ତିୟାନଜିନ୍ ସହରରେ ଅନୁଷ୍ଠିତ ହେଉଥିବା ଏସସିଓ ସମ୍ମିଳନୀରେ ଭାଗ ନେବେ। ୨୦୧୯ ମସିହା ପରେ ଏହା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦ୍ୱିତୀୟବାର ଚୀନ୍ ଯାତ୍ରା। ଏସସିଓ ବୈଠକରେ ଆଞ୍ଚଳିକ ସୁରକ୍ଷା, ଆତଙ୍କବାଦ, ବ୍ୟାପାର ସହଯୋଗ ଓ ବହୁପକ୍ଷୀୟ ସହଯୋଗ ଭଳି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା କରାଯିବ।

# ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଅମିତ ଶାହଙ୍କ ରେକର୍ଡ

**ନୂଆଦିଲ୍ଲୀ,୦୬/୦୮**



ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ରେକର୍ଡ କରିଛନ୍ତି ଅମିତ ଶାହ । ସେ ସର୍ବାଧିକ ସମୟ ସ୍ୱରାଷ୍ଟ୍ର ମନ୍ତ୍ରୀ ପଦରେ ରହିବାର ଗୌରବ ଲାଭ କରିଛନ୍ତି । ଆଜକୁ ଲଗାତାର ୨୨୫୮ ଦିନ ଏହି ପଦବୀରେ ସେ ଅଛନ୍ତି ।
ମୋଦୀ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ୨୦୧୯ ମେ’ ୩୦ରେ ଶାହ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ୨୦୨୪ ଜୁନ ୯ରେ ପ୍ରଥମ ପାଳି ଶେଷ କରିଥିଲେ। ୨୦୨୪ ଜୁନ ୧୦ରୁ ପୁଣି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳି ଥିଲେ। ସେବେଠାରୁ ସେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବ୍ୟତୀତ ଶ୍ରୀ ଶାହ ମଧ୍ୟ ଦେଶର ପ୍ରଥମ ସମବାୟ ମନ୍ତ୍ରୀ ହୋଇଛନ୍ତି । ଏହା ପୂର୍ବରୁ ଶ୍ରୀ ଶାହ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଗୁଜରାଟର ଗୃହମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । ସବୁଠାରୁ ବଡ଼କଥା ହେଉଛି ଶ୍ରୀ ଶାହ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସର୍ବାଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଦେଶର ପ୍ରଥମ ବ୍ୟକ୍ତି ହୋଇଛନ୍ତି । ୨୦୧୯ ଅଗଷ୍ଟ ଆଜିର ଦିନରେ ସଂସଦରେ ସେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଘୋଷଣା କରିଥିଲେ । ଏହା ଫଳରେ ଜମ୍ମୁ-କଶ୍ମୀରକୁ ମିଳିଥିବା ବିଶେଷ ରାଜ୍ୟ ମାନ୍ୟତାର ଅନ୍ତ ଘଟିଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ପଦରେ ରହି ଶ୍ରୀ ଶାହ ବିଜେପିର ବର୍ଷୀୟାନ ନେତା ଲାଲକୃଷ୍ଣ ଆଡଭାନୀଙ୍କ ରେକର୍ଡ ଭାଙ୍ଗିଛନ୍ତି । ଆଡଭାନୀ ୧୯୯୮ ମାର୍ଚ୍ଚ ୧୯ରୁ ୨୦୦୪ ମେ’ ୨୨ ପର୍ଯ୍ୟନ୍ତ ଅର୍ଥାତ ମୋଟ ୨୨୫୬ ଦିନ ଧରି ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ରହିଥିଲେ। ଆଡଭାନୀଙ୍କ ପରେ କଂଗ୍ରେସ ନେତା ଗୋବିନ୍ଦ ବଲ୍ଲଭ ପନ୍ତ ସର୍ବାଧିକ ସମୟ ପର୍ଯ୍ୟନ୍ତ ସ୍ୱରାଷ୍ଟ୍ରମନ୍ତ୍ରୀ ରହିବାରେ ତୃତୀୟ ବ୍ୟକ୍ତି ଥିଲେ ।

## ସାଧାରଣ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି ସରକାର, ନିୟମ ଅନୁସାରେ ସବୁ କାର୍ଯ୍ୟ କରାଯିବ

**ଭୁବନେଶ୍ୱର ୬।୮ ନ୍ୟୁଜ ବ୍ୟୁରୋ**

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି । ମନ୍ତ୍ରୀଙ୍କୁ ଭେଟିବା ପରେ ସେ ପ୍ରତିକ୍ରିୟା ରଖିଛନ୍ତି। ସରକାର ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ସମସ୍ତେ କିପରି ନ୍ୟାୟ ପାଇବେ ସେନେଇ ପ୍ରଚେଷ୍ଟା କରିବି । ନିୟମ ଅନୁସାରେ ସବୁକିଛି କାର୍ଯ୍ୟ କରାଯିବ । ଏକ ସାଧାରଣ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି । ବାଲେଶ୍ୱର ଏବଂ ପୁରୀ ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ ଚାଲିଛି । ଦୋଷୀକୁ କାର୍ଯ୍ୟାନୁଷ୍ଠାନ ନେଇ ପଦକ୍ଷେପ ନିଆଯିବ। ବିରୋଧୀ ଅଭିଯୋଗ କରିବେ ସେଇଟା ତାଙ୍କ କଥା । ମୁଁ ଦାୟିତ୍ୱ ନେଲେ ଦେଖିବି କ’ଣ ପଦକ୍ଷେପ ନିଆଯାଇପାରିବ । ପେଶାରେ ମୁଁ ଜଣେ ଓକିଲ । ଆୟୋଗର କଥା ବୁଝିବି ବୋଲି ମୋର ବିଶ୍ୱାସ । ଭଲ ଦିନ ଦେଖି କାର୍ଯ୍ୟରେ ଯୋଗ ଦେବି ବୋଲି ଶ୍ରୀମତୀ ମହାନ୍ତି ପ୍ରତିକ୍ରିୟାରେ ଏହା କହିଛନ୍ତି ।

# ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦକୁ ପୂରିଲା ୬ ବର୍ଷ : କମିଛି ଆତଙ୍କ, ବଢ଼ିଛି ବିକାଶ

**ନୂଆଦିଲ୍ଲୀ, ୬/୮**




ଜମ୍ମୁ- କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ୬ ବର୍ଷ ପୂରିଛି । ୨୦୧୯ ଅଗଷ୍ଟ ୫ ତାରିଖରେ କେନ୍ଦ୍ର ସରକାର ଜମ୍ମୁ- କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରିଥିଲେ। ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭାଜନ ହୋଇଯାଇଛି ରାଜ୍ୟ । ଗୋଟିଏ ହେଲା ଜମ୍ମୁ-କଶ୍ମୀର ଓ ଅନ୍ୟଟି ଲଦାଖ । ସୁରକ୍ଷା ସ୍ଥିତି ଓ ଅର୍ଥନୀତିରେ ବେଶ୍ ଉନ୍ନତି ପରଲକ୍ଷିତ ହୋଇଛି । ସମ୍ବିଧାନ ଅନୁସାରେ, ଦେଶର ଅନ୍ୟ ସମସ୍ତ ଭାଗରେ ଲୋକ ଉପଭୋଗ କରୁଥିବା ସରକାରୀ ସୁବିଧା ସୁଯୋଗ ଏବେ ଜମ୍ମୁ-କଶ୍ମୀର ବାସିନ୍ଦା ଉପଭୋଗ କରୁଛନ୍ତି । ସାମାଜିକ- ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ପ୍ରଗତି ଆସିଛି । ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ଆସୁଥିବା ବେଳେ ଗତ ଏପ୍ରିଲ ୨୨ ତାରିଖରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏଥିପ୍ରତି ଆଣିଛି ବଡ଼ ଆହ୍ୱାନ । ଜମ୍ମୁ-କଶ୍ମୀର ଅର୍ଥନୀତି ପାଇଁ ପର୍ଯ୍ୟଟନ ମୁଖ୍ୟ ଆଧାର ହୋଇଥିବା ବେଳେ ଆତଙ୍କବାଦ ବିରୋଧରେ ସୁରକ୍ଷାକର୍ମୀଙ୍କ ଅପରେସନ ସିନ୍ଦୂର, ଅପରେସନ ମହାଦେବ ଓ ଅପରେସନ ଅଖଲ ପରେ ସ୍ଥିତିରେ ଦ୍ରୁତ ସୁଧାର ଆସୁଛି । ବିଭିନ୍ନ ରାଜନୈତିକ ଦଳ ଜମ୍ମୁ-କଶ୍ମୀରକୁ ପୁଣି ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ଦାବି କରୁଛନ୍ତି । ଓମର ଅବଦୁଲ୍ଲା ସରକାର ଗଠନ ପରେ ଏହି ଦାବି ଜୋର୍ ଧରିଛି । ରାଜ୍ୟରୁ ୩୭୦ ଧାରା ଉଚ୍ଛେଦର ୬ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟବାସୀଙ୍କୁ ବିଜେପି ଅଭିନନ୍ଦନ ଜଣାଇଛି । ଅନ୍ୟପକ୍ଷରେ ଏହାର ପ୍ରତିବାଦରେ ୧୫ ମିନିଟ୍ ବ୍ଲାକ ଆଉଟ୍ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତି ଆହ୍ୱାନ ଦେଇଛନ୍ତି । ସମ୍ବିଧାନ ଅନୁସାରେ, ଦେଶର ଅନ୍ୟ ଭାଗ ପରି ସମସ୍ତ ସୁବିଧା ସୁଯୋଗ, ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ହୋଇଛି । ତେବେ ପହଲଗାମ୍ ଆକ୍ରମଣ ପରେ ଚାଲେଞ୍ଜ୍ ଥିଲା। ସୁରକ୍ଷାକର୍ମୀଙ୍କ ଅପରେସନ ପରେ ସ୍ଥିତିରେ ଦ୍ରୁତ ସୁଧାର ଆସୁଛି। ଧାରା ୩୭୦ ଉଚ୍ଛେଦର ୬ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ପକ୍ଷରୁ ଅଭିନନ୍ଦନ ଜଣାଇ ଦିଆଯାଇଛି ।

## ରାଷ୍ଟ୍ରପତିଙ୍କ ସହ ରାତ୍ରି ଭୋଜନ କରିବେ ବିନିକାର ସୁରେଖା ମଲ୍ଲିକ

**ବିନିକା ୬।୮ ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରପତି ଭବନ ଯିବେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ୱାର୍ଡ ନମ୍ବର ୪ର ମହିଳା ସୁରେଖା ମଲ୍ଲିକ । ରାଷ୍ଟ୍ରପତି ଭବନକୁ ଆସନ୍ତା ୭୯ତମ ସ୍ୱାଧୀନତା ଦିବସରେ ପହଞ୍ଚିବା ପାଇଁ ନିମନ୍ତ୍ରଣ କରାଯାଇଛି । ଏନେଇ ତାଙ୍କ ପାଖକୁ ରାଷ୍ଟ୍ରପତି ଭବନରୁ ଡାକଘର ଜରିଆରେ ଚିଠି ଆସିଛି । ଏହି ଖବର ଜଣାପଡିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ସୂଚନାଯୋଗ୍ୟ ଯେ, ଦୁଇ ବର୍ଷ ପୂର୍ବରୁ ସୁରେଖାଙ୍କ ସ୍ୱାମୀଙ୍କ ନାମରେ ଏକ ଆବାସ ଗୃହ ମଞ୍ଜୁର ହୋଇଥିଲା। ସେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରାଜ୍ୟରୁ ଏକ ଗୃହ କମିଟି ତାଙ୍କ ଘରକୁ ତଦନ୍ତ ପାଇଁ ପହଞ୍ଚି ଥିଲେ। ସେହି ସମୟରେ ସୁରେଖାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିଲା। ତା’ର କିଛି ଦିନ ପରେ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିଲା । ଏଭଳି ଦୁଃଖଦ ଘଟଣା ପରେ ମଧ୍ୟ ସରକାରଙ୍କ ପାଖରୁ ପାଇଥିବା ସରକାରୀ ଅନୁଦାନକୁ ଉଚିତ ସମୟ ସୀମା ଭିତରେ ବ୍ୟବହାର କରିଥିଲେ । ସୁରେଖା ଚୁଡ଼ି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଏହି ଘଟଣା ପରେ ରାଜ୍ୟରୁ ଆସିଥିବା ଗୃହ କମିଟି କେନ୍ଦ୍ରକୁ ଜଣାଇଥିଲେ । ତେବେ ରାଷ୍ଟ୍ରପତି ଏହି ଘଟଣା ଜାଣିବା ପରେ ସୁରେଖାଙ୍କୁ ରାଷ୍ଟ୍ରପତି ଆସନ୍ତା ସ୍ୱାଧୀନତା ଦିବସରେ ରାତ୍ରି ଭୋଜନ ପାଇଁ ନିମନ୍ତ୍ରନ କରିଛନ୍ତି । ତେବେ ବୁଧବାର ବିନିକା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ ସୁରେଖାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରପତି ଭବନ ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।


ଏବେ ବଜାରରେ ଉପଲବ୍ଧ...
‘କଥାକଳିକା’ର ଅଗଷ୍ଟ-୨୦୨୫ ସଂଖ୍ୟା
(ଦେଶ ପ୍ରେମ ସ୍ୱତନ୍ତ୍ର)





ଏଥର ଚର୍ଚ୍ଚିତ ସଂଖ୍ୟାରେ ଆମର ପ୍ରିୟ କଥାକାର ଗଣ...

ଗାଳ୍ପିକ ରବିପଣ୍ଡା- ପରିଚୟ, ରମେଶ ପଟ୍ଟନାୟକ-ପହେଲଗାମ୍, ସଂଜୁକ୍ତା ଦାଶ- ଉପତ୍ୟକାରେ ଆତଙ୍କ, ସୋମାନନ୍ଦ-ମାଟି, ମା/ମା-ମାଟି, ରେବା ପଟ୍ଟନାୟକ-ସେ’ କାହାର ହେବ, ସୁଷମା ପରିଜା-ଫେରିଆ ଧନ ମୋର, ପ୍ରଫୁଲ୍ଲ ବାରିକ-ରୂପସୀରୁ ରକ୍ତ ତୀର୍ଥ, ବିଦ୍ୟାଧରଗୁରୁ- ସ୍ୱପ୍ନଭଙ୍ଗ, ଚନ୍ଦ୍ରକଳାନାୟକ-ପାରୁଲର ଦେଶପ୍ରେମ, ସ୍ନିଗ୍ଧା ନାୟକ- ପହେଲିଗାମ୍‌ର ପ୍ରଥମ ତୁଷାର ପାତ, ମଧୁସ୍ମିତା ମିଶ୍ର- ନିର୍ମୋହୀ, ସନ୍ତୋଷୀ ସ୍ୱାଇଁ-ବୀର ଶହୀଦର ସିନ୍ଦୁର, ନମିତା ଦାଶ-କେମିତି ଫେରିବି, ପ୍ରଭାତୀ ଜେନା-ପିହୁ, ବିନୋଦିନୀ ଗନ୍ତାୟତ-ପ୍ରତିଛବି, ସୁଷମାଲେଙ୍କା- ଶହୀଦ।


(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ମହାକାଶ ବିଜ୍ଞାନରେ ବିରଳ :୨୦୨୫ରେ ବିଶ୍ୱ ଦେଖିବ ଆଶ୍ଚର୍ଯ୍ୟକର ଦୃଶ୍ୟ

**ନୂଆଦିଲ୍ଲୀ, ୬।୮**



ଅଗଷ୍ଟ ୨୦୨୫ରେ ତାରକା, ଗ୍ରହ ଏବଂ ଉଲ୍‌କାପିଣ୍ଡର ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିବ । ମହାକାଶ ଗବେଷଣା ସଂସ୍ଥା ନାସା ଅନୁଯାୟୀ, ଏହି ମାସରେ ଭାରତ ସମେତ ବିଶ୍ୱର ଅନେକ ସ୍ଥାନରେ ଆକାଶରେ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିବ । ପର୍ସିଡସ ଉଲ୍‌କାପିଣ୍ଡର ବର୍ଷା ହୋଇପାରେ କିମ୍ବା ଶୁକ୍ର ଏବଂ ବୃହସ୍ପତି, ଚନ୍ଦ୍ରର ନିକଟତର କିମ୍ବା ଅଗଷ୍ଟ ୨୬ ସନ୍ଧ୍ୟାରେ ମଙ୍ଗଳ ପାଖରେ ଏକ ସୂକ୍ଷ୍ମ ଅର୍ଦ୍ଧଚନ୍ଦ୍ର ଝୁଲି ରହିବା ଅବସ୍ଥାରେ ଦେଖିବାକୁ ମିଳିପାରେ । ଅଗଷ୍ଟ ମାସର ସବୁଠାରୁ ପ୍ରତୀକ୍ଷିତ ଖଗୋଳୀୟ ଘଟଣା ପର୍ସିଡସ ଉଲ୍‌କାବର୍ଷା ଘଟିବ। ଯାହା ଏବେଠାରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ଆକାଶରେ ଝଲସିବ । ପର୍ସିଡସକୁ ‘ଉଲକାରାଣୀ’ ବୋଲି କୁହାଯାଏ । ଯଦିଓ ଚଳିତ ବର୍ଷ ଅଗଷ୍ଟ ୧୨, ୧୩ ତାରିଖ ରାତିରେ ୮୪ ପ୍ରତିଶତ ପୂର୍ଣ୍ଣିମା ଆଲୋକ ହେତୁ ଏହା ଟିକେ କମ୍ ଦୃଶ୍ୟମାନ ହେବ, କିନ୍ତୁ ସୂର୍ଯ୍ୟୋଦୟ ପୂର୍ବରୁ କିଛି ଉଜ୍ଜ୍ୱଳ ଉଲ୍‌କା ସ୍ପଷ୍ଟ ଭାବରେ ଦେଖାଯାଇପାରିବ । ଭାରତରେ, ଏହି ଉଲକାବର୍ଷାର ସର୍ବୋତ୍ତମ ଦୃଶ୍ୟ ଅଗଷ୍ଟ ୧୩ ମଧ୍ୟରାତ୍ରି ପରେ ସେହିଠାରେ ଦେଖାଦେବ ଯେଉଁଠାରେ କୃତ୍ରିମ ଆଲୋକ କମ୍ ରହିଛି । ଯେପରିକି ଲଦାଖ, ସ୍ପିତି, କଚ୍ଛର ରଣ ଏବଂ କର୍ଣ୍ଣାଟକ କିମ୍ବା ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ଦୃଶ୍ୟମାନ ହେବ। ମହାକାଶରେ ପର୍ସିଡ୍ ଉଲକାପିଣ୍ଡର ବର୍ଷା, ଗ୍ରହମାନଙ୍କର ସଂଯୋଗ ଏବଂ ଚନ୍ଦ୍ର ସହିତ ଗ୍ରହଗୁଡ଼ିକର ନିକଟତର ସ୍ଥିତି ପ୍ରତିବର୍ଷ ଘଟିଥାଏ । କିନ୍ତୁ, ଏହି ସମୟରେ ଯେତେବେଳେ ପର୍ସିଡ୍‌ର ଶିଖର, ଶୁକ୍ର-ବୃହସ୍ପତିର ସଂଯୋଗ, ସେମାନଙ୍କ ସହିତ ଚନ୍ଦ୍ରର ଆଗମନ ଏବଂ ମଙ୍ଗଳ ସହିତ ଚନ୍ଦ୍ରଗ୍ରହର ମିଳନ ଏକାଠି ଦେଖାଯାଏ। ଏପରି ଏକ ଜ୍ୟୋତିର୍ବିଜ୍ଞାନ ସଂଯୋଗ ହାରାହାରି ୨୦ରୁ ୨୫ ବର୍ଷରେ କେବଳ ଗୋଟିଏ ଥର ଘଟିଥାଏ । ଏହାର ମୁଖ୍ୟ କାରଣ ହେଉଛି ଗ୍ରହଗୁଡ଼ିକର କକ୍ଷପଥ, ପୃଥିବୀର ସ୍ଥିତି, ଚନ୍ଦ୍ରଚକ୍ର ଏବଂ ଉଲ୍‌କାପିଣ୍ଡର ବର୍ଷାର ସମୟର ଏପରି ସମନ୍ୱୟ ବହୁତ କମ୍ ଦେଖାଦିଏ । ୧୧-୧୨ ଅଗଷ୍ଟରେ ଶୁକ୍ର ଏବଂ ବୃହସ୍ପତି ପରସ୍ପରର ନିକଟତମ ହେବେ, କେବଳ ୧ ଡିଗ୍ରୀ ଦୂରତାରେ । ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବ ଦିଗରେ ଏହି ଦୃଶ୍ୟ ଦେଖାଦେବ । ୧୯-୨୦ ଅଗଷ୍ଟରେ ଶୁକ୍ର ଏବଂ ବୃହସ୍ପତି ମଧ୍ୟରେ ଏକ ପତଳା ଅର୍ଦ୍ଧଚନ୍ଦ୍ର ଆସିବ, ଯାହା ଏକ ‘ତ୍ରିଗ୍ରହ ସଂଯୋଗ’ ସୃଷ୍ଟି କରିବ। ୨୬ ଅଗଷ୍ଟରେ ସୂର୍ଯ୍ୟାସ୍ତ ପରେ, ପଶ୍ଚିମ ଦିଗରେ ଆକାଶରେ ଏକ ଅର୍ଦ୍ଧଚନ୍ଦ୍ର ଦେଖାଯିବ। ଏହାର ଠିକ୍ ପାଖରେ ମଙ୍ଗଳ ଗ୍ରହର ଏକ ଛୋଟ ଉଜ୍ଜ୍ୱଳ ଲାଲ ବିନ୍ଦୁ ରହିବ। ଏହି ଦୃଶ୍ୟ ରାତି ୮ଟା ୧୫ରୁ ପ୍ରାୟ ୧ ଘଣ୍ଟା ପାଇଁ ଦୃଶ୍ୟମାନ ହେବ । ଏହି ଦୃଶ୍ୟ ଜ୍ୟୋତିର୍ବିଜ୍ଞାନ ଗୁରୁତ୍ୱ ଦୃଷ୍ଟିରୁ ମଧ୍ୟ ବହୁତ ସ୍ୱତନ୍ତ୍ର, କାରଣ ଏହା ଭବିଷ୍ୟତର ମହାଜାଗତିକ ଚକ୍ରର ଏକ ଝଲକ ପ୍ରଦାନ କରେ ।